୬ ▶ ବିହାର କ୍ରିକେଟ ଦଳର ଉପ-ଅଧିନାୟକ ହେଲେ ବୈଭବ ସୂର୍ଯ୍ୟବଂଶୀ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୨୫୬ ● ୧୪ ଅକ୍ଟୋବର ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-256 ● 14th October 2025, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ଆଗାମୀ ବର୍ଷରୁ ହବିଷିଆଳି ମା'ମାନଙ୍କ ପାଇଁ ଡିଜିଟାଲ୍ ପଞ୍ଜିକରଣ ବ୍ୟବସ୍ଥା

# ପୁରୀକୁ ବିଶ୍ୱସ୍ତରୀୟ ଧାର୍ମିକ ସହର ଭାବେ ଗଢ଼ି ତୋଳାଯିବ

**ଭୁବନେଶ୍ୱର, ୧୩।୧୦**

**ନ୍ୟୁଜ୍ ବ୍ୟୁରୋ**

ପୁରୀ ଠାରେ କାର୍ତ୍ତିକ ହବିଷିଆଳି ବ୍ରତ ୨୦୨୫ ଆୟୋଜନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ନରେନ୍ଦ୍ର କୋଣ ସ୍ଥିତ ବୃନ୍ଦାବତୀ ନିବାସ ଠାରେ ଉପସ୍ଥିତ ରହି ହବିଷ୍ୟାଳୀ ମା'ମାନଙ୍କ ସହ ବାର୍ତ୍ତାଳାପ କରିଥିଲେ ଏବଂ ଏହି ଅବସରରେ ସେ କହିଥିଲେ ଯେ ହବିଷିଆଳି ମା'ମାନଙ୍କ ଭକ୍ତି ହେଉଛି ଓଡ଼ିଶାର ନୈତିକ ଶକ୍ତି ଓ ଓଡ଼ିଆ ସଂସ୍କୃତି ଓ ଅସ୍ମିତାର ଜୀବନ୍ତ ପ୍ରତୀକ।

କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କାର୍ତ୍ତିକ ମାସ ହେଉଛି ଆତ୍ମସଂଯମ, କରୁଣା ଓ ଭକ୍ତିର ମାସ ଭାବରେ ଓଡ଼ିଆ ସଂସ୍କୃତିରେ ବିଶେଷ ଗୁରୁତ୍ୱ ରଖେ। ସେ ଉଲ୍ଲେଖ କରିଥିଲେ ଯେ ଓଡ଼ିଆ ମା'ମାନେ ଶତାବ୍ଦୀ (ପୃଷ୍ଠା ୭ରେ)



## ନୂଆପଡ଼ା ଉପନିର୍ବାଚନ ପାଇଁ ବିଜ୍ଞପ୍ତି ଜାରୀ, ୨୦ ଯାଏଁ ନାମାଙ୍କନ ଦାଖଲ

# ୮ଟି ବୁଥ୍‌ରେ ବ୍ୟବହାର ହେବ ହେଲିକପ୍ଟର

**ଭୁବନେଶ୍ୱର, ୧୩।୧୦**

**ନ୍ୟୁଜ୍ ବ୍ୟୁରୋ**

ନୂଆପଡ଼ା ଉପନିର୍ବାଚନ ଲାଗି ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇବା ସହ ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହୋଇଛି। ଅକ୍ଟୋବର ୨୦ ତାରିଖ ଯାଏଁ ପ୍ରାର୍ଥୀ ନିଜର ପ୍ରାର୍ଥୀପତ୍ର ଦାଖଲ କରିପାରିବେ। ୨୨ରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ ଏବଂ ଅକ୍ଟୋବର ୨୪ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ରଖାଯାଇଛି। ଆସନ୍ତା ନଭେମ୍ବର ୧୧ ତାରିଖରେ ମତଦାନ ହେବ ଏବଂ ୧୪ରେ ଭୋଟ୍ ଗଣତି କରାଯାଇ ଫଳାଫଳ ଘୋଷିତ ହେବ। ୧୬ ତାରିଖ ସୁଦ୍ଧା ନୂଆପଡ଼ା ଉପନିର୍ବାଚନର ସମସ୍ତ ପ୍ରକ୍ରିୟା ଶେଷ ହେବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ସନ୍ତୁଗୋପାଳନ ସୂଚନା ଦେଇଛନ୍ତି।

ତେବେ ନୂଆପଡ଼ା ଉପନିର୍ବାଚନରେ ହେଲିକପ୍ଟର ବ୍ୟବହାର ହେବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ନୂଆପଡ଼ା ଉପନିର୍ବାଚନରେ ୮ଟି ବୁଥ୍‌ରେ ହେଲିକପ୍ଟର ବ୍ୟବହାର ହେବ। ଦୁର୍ଗମ ଅଞ୍ଚଳର ୫ଟି ସ୍ଥାନରେ ୮ଟି ବୁଥ୍‌ରେ ଲୋକଙ୍କୁ ନେବା



ଆଣିବା ପାଇଁ ଏହା ବ୍ୟବହାର କରାଯିବ। ସେହିପରି ୧୪ କମ୍ପାନୀ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବଳ (ସିଏପିଏଫ୍) ମଧ୍ୟ ଉପନିର୍ବାଚନ ପାଇଁ ଆସିବେ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ନୂଆପଡ଼ା ଉପ ନିର୍ବାଚନ ପାଇଁ ଉଭୟ ବିଜେଡି ଓ ବିଜେପିର ପ୍ରାର୍ଥୀ ଚୟନରେ ଦିନ ଗଡି ଚାଲିଥିବାବେଳେ କଂଗ୍ରେସ ଆଦିବାସୀ ନେତା ଘାସିରାମ ମାଝୀଙ୍କୁ ପ୍ରାର୍ଥୀ ଘୋଷଣା କରିସାରିଛି। ବିଜେଡିର ପ୍ରାର୍ଥୀ ଚୟନ ପାଇଁ ଦଳର ସଭାପତି ବରିଷ୍ଠ ନେତାମାନଙ୍କ ଉପରେ ଦାୟିତ୍ୱନ୍ୟସ୍ତ କରିଥିବା ବେଳେ ସୋମବାର କୋରକମିଟି ବୈଠକରେ ପ୍ରାର୍ଥୀ ଚୟନ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ମଙ୍ଗଳବାର ସୁଦ୍ଧା ପ୍ରାର୍ଥୀ ଚୟନ ଚୂଡାନ୍ତ ହେବ ବୋଲି ସୂଚନା ମିଳିଛି। ସେହିପରି ବିଜେପିରୁ ଏହି ଆସନରେ ଜୟ ଢୋଲକିଆ ପ୍ରାର୍ଥୀ ହେବେ ବୋଲି ସୂଚନା ମିଳିଥିଲେ ମଧ୍ୟ କେନ୍ଦ୍ରୀୟ ବୋର୍ଡ ଏହା ଉପରେ ଚୂଡାନ୍ତ ଅନୁମୋଦନକୁ ଅପେକ୍ଷା କରାଯାଇଛି। ଜିଲ୍ଲାରେ ୭୦ ପ୍ରତିଶତ ଆଦିବାସୀ ଶ୍ରେଣୀର ଲୋକ ବାସ କରୁଥିବା ବେଳେ ନୂଆପଡା ନିର୍ବାଚନ ମଣ୍ଡଳୀରେ ମୋଟ ୨ ଲକ୍ଷ ୫୩ ହଜାର ୬୨୪ ଖଣ୍ଡ ଭୋଟ ରହିଥିବା ବେଳେ ୬୦ ପ୍ରତିଶତ ଆଦିବାସୀ ଭୋଟ ରହିଛି।

## ଆଜିର ମୁଖ୍ୟ ଖବର

- ବିଶ୍ୱ ଶେୟାର ବଜାର ସ୍ଥିର, ଆମେରିକା ଓ ଚୀନ ବ୍ୟାପାର ମେଳ ହେବାର ଆଶା।
- ପାକିସ୍ତାନରେ ଧର୍ମନିନ୍ଦା ଅଭିଯୋଗରେ ଗିରଫ ହୋଇଥିବା ଜଣେ ବ୍ୟକ୍ତିକୁ ପୋଲିସ ଗୁଳି ମାରି ହତ୍ୟା କଲା।
- ଆଫ୍ରିକା ମହାଦେଶରେ ମଙ୍କିପକ୍ସ ରୋଗ ବୃଦ୍ଧି ପାଇବା ପରେ ରୁଆଣ୍ଡାରେ ଟିକାକରଣ ଅଭିଯାନ ଆରମ୍ଭ।
- ନୂଆଦିଲ୍ଲୀରେ ଶକ୍ତି ଆମଦାନୀ ବୃଦ୍ଧି ପାଇଁ ଭାରତ ଓ ଆମେରିକା ବାଣିଜ୍ୟ ଆଲୋଚନା କରିବେ।
- ୨୦ ଜଣ କମ୍ ବୟସର କିଶୋର କିଶୋରୀ ଦୂଷିତ କଫ୍ ସିରପ୍ ପିଇ ମୃତ।
- ଅମରାବତୀରେ ସମସ୍ତ ଭାରତୀୟ ପୋଲିସଙ୍କର ଭାରୋତ୍ତଳନ ପ୍ରତିଯୋଗିତା ଆରମ୍ଭ।
- ମୁମ୍ବାଇରେ ଦଶ ବର୍ଷରେ ସର୍ବାଧିକ ଜମି ନେଣଦେଣ ହୋଇଛି।
- ଆନ୍ଧ୍ର ଓ ଓଡ଼ିଶା ସମୁଦ୍ର କୂଳ ଅଞ୍ଚଳ ପାଇଁ ଝଡ଼ବାତ୍ୟାର ସତର୍କ ସୂଚନା ଜାରୀ।
- ଅନଲାଇନ ଠକେଇ ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କଲା ଇଓଡବ୍ଲୁ।

## ଓଡ଼ିଆ ଡାକ୍ତରୀ ଛାତ୍ରୀ ଦୁଷ୍କର୍ମ ମାମଲା : ଚତୁର୍ଥ ଅଭିଯୁକ୍ତ ଗିରଫ

# ପୀଡ଼ିତାଙ୍କୁ ଭେଟିଲେ ରାଜ୍ୟପାଳ, ମହିଳା କମିଶନ ଅଧକ୍ଷା

**କୋଲକାତା, ୧୩।୧୦**

ଦୁର୍ଗାପୁର ମେଡିକାଲ କଲେଜର ଓଡ଼ିଆ ଛାତ୍ରୀ ଦୁଷ୍କର୍ମ ମାମଲାରେ ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହା ସହିତ ଏପର୍ଯ୍ୟନ୍ତ ମୋଟ ଚାରି ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ତେବେ ଏହି ମାମଲାରେ ଅନ୍ୟ ଜଣେ ଅଭିଯୁକ୍ତ ଏପର୍ଯ୍ୟନ୍ତ ଫେରାର ରହିଛି । ଅନ୍ୟପକ୍ଷରେ ଦୁର୍ଗାପୁର ମେଡିକାଲ କଲେଜର ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ପକ୍ଷରୁ କଲେଜ ସମ୍ମୁଖରେ ପୀଡିତା ଛାତ୍ରୀଙ୍କୁ ନ୍ୟାୟପ୍ରଦାନ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟର ଦୃଢ ପ୍ରତିବାଦ କରାଯାଇଥିଲା।

ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି. ଆନନ୍ଦବୋଷ ସୋମବାର ଅପରାହ୍ନରେ ମେଡିକାଲ ଯାଇ ପୀଡିତା ଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ଘଟଣାରେ ସଂପୃକ୍ତ ଅପରାଧୀଙ୍କ ବିରୋଧରେ କଠୋର ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର ବୋଲି ସେ ମତ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶା ମହିଳା କମିଶନ ଅଧକ୍ଷା ଶୋଭନା ମହାନ୍ତି ସୋମବାର ଅନ୍ୟ ସଦସ୍ୟାମାନଙ୍କ ସହ ଦୁର୍ଗାପୁର ମେଡିକାଲ କଲେଜର ପୀଡିତା ଛାତ୍ରୀଙ୍କୁ ସାକ୍ଷାତ କରି ତାଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ପୀଡିତା ଡାକ୍ତରୀ ଛାତ୍ରୀଙ୍କ ଚିକିତ୍ସା ବ୍ୟବସ୍ଥା କିପରି ଚାଲିଛି ଏବଂ ତାଙ୍କ ସ୍ୱାସ୍ଥ୍ୟବସ୍ଥା କିପରି ରହିଛି ସେ ସମ୍ପର୍କରେ ମଧ୍ୟ ସେ ପଚାରି ବୁଝିଛନ୍ତି।

ଏହି ଘଟଣାରେ ଗିରଫ ହୋଇଥିବା ଚତୁର୍ଥ ଅଭିଯୁକ୍ତ ସ୍ଥାନୀୟ ବାସିନ୍ଦା ହେବା ସତ୍ତ୍ୱେ, ପୋଲିସ ତାଙ୍କ ନାମ (ପୃଷ୍ଠା ୭ରେ)

# ଅର୍ଥନୀତିରେ ୩ ଜଣଙ୍କୁ ନୋବେଲ

**ଷ୍ଟକ୍‌ହୋମ୍, ୧୩।୧୦**

ଅର୍ଥନୀତିରେ ୩ ଜଣଙ୍କୁ ନୋବେଲ ପୁରସ୍କାର ମିଳିଛି। ସେମାନେ ହେଲେ ଜୋଏଲ ମୋକିର, ଫିଲିପ ଆଘିଅନ ଏବଂ ପିଟର ହାଓ୍ୱିଟ। 'ଅଭିନବୀକରଣ ଆଧାରିତ ଅର୍ଥନୈତିକ ଅଭିବୃଦ୍ଧି' ଉପରେ ବିଶ୍ଳେଷଣ ପାଇଁ ସେମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବିଜେତାମାନଙ୍କୁ ୧୧ ନିୟୁତ ସ୍ୱେଡିଶ୍ କ୍ରନର ପ୍ରଦାନ କରାଯିବ। ସେଥିରୁ ଜୋଏଲ ମୋକିରଙ୍କୁ ଅଧା ଏବଂ ଅନ୍ୟ ୨ ଜଣଙ୍କୁ ଅଧା ଅର୍ଥ ପୁରସ୍କାର ବାବଦରେ ପ୍ରଦାନ କରାଯିବ।

ଜୋଏଲ ମୋକିର ନେଦରଲାଣ୍ଡର ଲିଡେନଠାରେ ୧୯୪୬ରେ ଜନ୍ମଗ୍ରହଣ



କରିଥିଲେ। ସେ ହରବ୍ରୁ ବିଶ୍ୱବିଦ୍ୟାଳୟରୁ ୧୯୬୮ରେ ଅର୍ଥନୀତିରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଫିଲିପ ଆଘିଅନ ୧୯୫୬ରେ ଫ୍ରାନ୍ସର ପ୍ୟାରିସରେ ଏବଂ ପିଟର ହାଓ୍ୱିଟ ୧୯୪୬ରେ କାନାଡ଼ାରେ ଜନ୍ମଲାଭ କରିଥିଲେ।

# ସରକାରୀ କୋଠା ବାହାରେ ଲାଗିବ ସିସିଟିଭି

**ଭୁବନେଶ୍ୱର, ୧୩।୧୦**

**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ସୋମବାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ସରକାରୀ ଅଫିସ (କୋଠା) ବାହାରେ ସିସିଟିଭି ଲଗାଇବାକୁ ଯୋଜନା କରାଯାଇଛି। ଏନେଇ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ସୂଚନା ଜାରି କରାଯାଇଛି। (ପୃଷ୍ଠା ୭ରେ)



# ଦୀପାବଳି ବୋନସ୍ ଦେଲେ କେନ୍ଦ୍ର ସରକାର

**ନୂଆଦିଲ୍ଲୀ, ୧୩।୧୦**

ପାର୍ବଣ ଋତୁକୁ ଆଖି ଆଗରେ ରଖି କେନ୍ଦ୍ର ସରକାର ତାଙ୍କ କର୍ମଚାରୀମାନଙ୍କୁ ଦୀପାବଳି ବୋନସ୍ ଦେଇଛନ୍ତି। ଏହା କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଘରେ ଦୀପାବଳିର ଆନନ୍ଦକୁ ଆହୁରି ବୃଦ୍ଧି କରିଛି। ଭାରତ ସରକାର କର୍ମଚାରୀମାନଙ୍କ ପାଇଁ ବୋନସ ଏବଂ ମହଙ୍ଗା ଭତ୍ତା (ଡିଏ) ବୃଦ୍ଧି ଘୋଷଣା କରିଛନ୍ତି। ଏହାର ଅର୍ଥ ହେଉଛି ଦୀପାବଳି ପୂର୍ବ ଅପେକ୍ଷା ଅଧିକ ଆଲୋକରେ ପରିପୂର୍ଣ୍ଣ ହେବ। କେନ୍ଦ୍ର ସରକାର ଡିଏରେ ୩ ପ୍ରତିଶତ ବୃଦ୍ଧି କରିଛନ୍ତି। କର୍ମଚାରୀମାନଙ୍କ ପାଇଁ ଡିଏ ଏବେ ୫୫ ପ୍ରତିଶତରୁ ୫୮ (ପୃଷ୍ଠା ୭ରେ)

## ଏସ୍‌ଆଇ ନିଯୁକ୍ତି ଦୁର୍ନୀତି ମାମଲା

# ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟି ଓ ମୁନା ମହାନ୍ତିଙ୍କ ନାଁରେ ଲୁକ୍ ଆଉଟ୍ ଜାରୀ

**ଭୁବନେଶ୍ୱର, ୧୩।୧୦**

**ନ୍ୟୁଜ୍ ବ୍ୟୁରୋ**

ପୁଲିସ ଏସଆଇ ନିଯୁକ୍ତି ଦୁର୍ନୀତି ମାମଲାରେ ଫେରାର ଥିବା ମୁଖ୍ୟ ଷଡ଼ଯନ୍ତ୍ରକାରୀ ଶଙ୍କର ପୃଷ୍ଟି ଏବଂ ସହଯୋଗୀ ମୁନା ମହାନ୍ତି ନାଁରେ ଲୁକ୍ ଆଉଟ୍ ସର୍କୁଲାର (ଏଲଓସି) ଜାରି କରିଛି କ୍ରାଇମବ୍ରାଞ୍ଚ। ଶଙ୍କର ଧରାପଡ଼ିଲେ ଏହି ଦୁର୍ନୀତିର ଗୁମର ଖୋଲିବ। ହେଲେ ଶଙ୍କରର ପତ୍ତା ପାଉନି କ୍ରାଇମବ୍ରାଞ୍ଚ। ତେଣୁ ଉଭୟଙ୍କୁ ଧରିବା ଲାଗି କ୍ରାଇମବ୍ରାଞ୍ଚ ଜାଲ ବିଛାଇବାରେ ଲାଗିଛି।

ଅନ୍ୟପଟେ ଏହି ମାମଲାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ୧୦ ଜଣଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରିଦିଆଯାଇଛି। ଏସବୁ ଆକାଉଣ୍ଟ ଗିରଫ ହୋଇଥିବା ମଧ୍ୟସ୍ଥି ଏବଂ ଫେରାର ଥିବା ଅଭିଯୁକ୍ତମାନଙ୍କର ବୋଲି କୁହାଯାଉଛି।



ସୂଚନାଯୋଗ୍ୟ, ପୁଲିସ ଏସଆଇ ନିଯୁକ୍ତି ପାଇଁ ପରୀକ୍ଷା ହେବା ପୂର୍ବରୁ ଏହାର ପରିଚାଳନା ଦାୟିତ୍ୱ ନେଇଥିବା ପଞ୍ଚସଫ୍ଟ କମ୍ପାନୀ ପରୀକ୍ଷାର୍ଥୀମାନଙ୍କୁ ସ୍ୱତନ୍ତ୍ର ତାଲିମ ଦେବାକୁ ଆନ୍ଧ୍ରପ୍ରଦେଶ ନେଇଥିବାବେଳେ ପୁଲିସ ସେମାନଙ୍କୁ ଗିରଫ କରିଥିଲା। ଏହି ଚାକିରି ଦେବା ପାଇଁ କୋଟି କୋଟି ଟଙ୍କାର କାରବାର ହୋଇଥିବା ସାମ୍ନାକୁ ଆସିଥିଲା।

## କରୁର ଦଳାଚକଟା : ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ

**ତାମିଲନାଡୁ, ୧୩।୧୦**

ସାଉଥ୍ ସୁପରଷ୍ଟାର ଥାଲାପତି ବିଜୟଙ୍କ ପାଇଁ ବଢ଼ିଲା ଅଡୁଆ। ତାମିଲନାଡୁ କରୁର ଦଳାଚକଟା ଘଟଣାର ତଦନ୍ତ କରିବ ସିବିଆଇ। ଏନେଇ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ଅବସରପ୍ରାପ୍ତ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଅଜୟ ରସ୍ତୋଗିଙ୍କ ତତ୍ତ୍ୱାବଧାନରେ ତଦନ୍ତ ହେବ। ଏହି ତଦନ୍ତକୁ ମନିଟର ପାଇଁ ୩ଜଣିଆ କମିଟି ଗଠନ କରାଯିବ। ସେପ୍ଟେମ୍ବର ୨୭ରେ ସାଉଥ୍ ସୁପରଷ୍ଟାର ତଥା ଟିଭିକେ ନେତା ବିଜୟଙ୍କ ରାଲିରେ ଦଳାଚକଟା ହୋଇଥିଲା। ଯେଉଁଥିରେ ୪୧ଜଣଙ୍କ ମୃତ୍ୟୁ ହେବା ସହ ଅନେକ ଆହତ ହୋଇଥିଲେ ।

ଆବେଦନର ଶୁଣାଣି ସମୟରେ, କୋର୍ଟ ତାମିଲନାଡୁ ସରକାରଙ୍କୁ ପ୍ରଶ୍ନ କରିଥିଲେ ଯେ ଟିଭିକେ ରାଲି ପାଇଁ କାହିଁକି ଅନୁମତି ଦିଆଯାଇଥିଲା। ଏହା (ପୃଷ୍ଠା ୭ରେ)

## ସୁନା ଦର

| | |
|---|---|
| ୨୪ କ୍ୟାରେଟ୍ ସୁନା – ପ୍ରତି ଗ୍ରାମ୍ | ୧୨,୫୪୦ (+୩୨) |
| ୨୨ କ୍ୟାରେଟ୍ ସୁନା – ପ୍ରତି ଗ୍ରାମ୍ | ୧୧,୪୯୫ (+୩୦) |
| ୧୮ କ୍ୟାରେଟ୍ ସୁନା – ପ୍ରତି ଗ୍ରାମ୍ | ୯,୪୦୫ (+୨୪) |

## ରୁପା ଦର

ରୁପା – ପ୍ରତି ଗ୍ରାମ ୧୯୭ (+୭)

## ଏକାଳ ପଖାଳ



ଏକାଳପଖାଳ କିଛି କହିବନି  
ଯିଏ ଯାହା ବୁଝୁଛବୁଝ  
ରାଜଧାନୀ ମୁହେଁ ବଥ ଉଠିଥିଲା  
ଏବେ ପିଠିଟାରେ କୁଜ  
ଧୋବଧୋବଳିଆଙ୍କୁ ନାହିଁ ଲାଜ  
ମାଟିଆ ରଙ୍ଗଟା ତାଟିଆ କାମୁଡ଼େ  
ଚାଲେ ଅପରାଧୀ ରାଜ୍।

# ୨ ବର୍ଷରେ ୯୯୫ ନକ୍ସଲ ମୃତ



**ମାଲକାନଗିରି, ୧୩।୧୦**

**ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲାରେ ମାଓ ସଂଗଠନ ମୂଳପୋଛ ହେବା ପରେ କ୍ୟାଡର ନକ୍ସଲ ଛତିଶଗଡ଼, ତେଲେଙ୍ଗାନା ଓ ଆନ୍ଧ୍ର ମୁହାଁ ହୋଇଥିଲେ। ଛତିଶଗଡ଼ ଘଞ୍ଚ ଜଙ୍ଗଲ ନକ୍ସଲଙ୍କ ପାଇଁ ସୁରକ୍ଷିତ ସ୍ଥାନ ହୋଇଥିବାରୁ ସମସ୍ତ କ୍ୟାଡର ଓ କେନ୍ଦ୍ରୀୟ କମିଟି ସଦସ୍ୟ ସେଠାରେ ଆଡ୍ଡା ଜମାଇଥିଲେ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ୨୦୨୬ ମାର୍ଚ୍ଚ ସୁଦ୍ଧା ଛତିଶଗଡ଼ ସମେତ ଦେଶରୁ ନକ୍ସଲଙ୍କୁ ମୂଳପୋଛ କରିବା ପାଇଁ ସୁରକ୍ଷା ବାହିନୀକୁ ନିର୍ଦ୍ଦେଶ ଦେବା ପରେ ଆରମ୍ଭ ହୋଇଥିଲା ଘନ ଘନ ଏନକାଉଣ୍ଟର। ଯେଉଁଥିରେ ମୂଳପୋଛ ହୋଇଯିବାକୁ ଯାଉଛି ନକ୍ସଲ ସଂଗଠନ।

ପୁଲିସ ଓ ଯବାନଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ମାଓ ଦମନ ଅଭିଯାନରେ ଗତ ଦୁଇ ବର୍ଷରେ ଛତିଶଗଡ଼ରେ ୯୯୫ରୁ ଊର୍ଦ୍ଧ୍ୱ ନକ୍ସଲଙ୍କ ମୃତ୍ୟୁ ହୋଇଛି। ୧ ହଜାରରୁ ଊର୍ଦ୍ଧ୍ୱ ଗିରଫ ହୋଇଥିବା ବେଳେ ଓ ୧୩୦୦ରୁ ଅଧିକ ନକ୍ସଲ ଆତ୍ମସମର୍ପଣ କଲେଣି। ଗତ କିଛି ମାସ ଧରି ପୁଲିସ୍ ଏନକାଉଣ୍ଟରରେ କେନ୍ଦ୍ରୀୟ କମିଟି ମୁଖ୍ୟଙ୍କ ସମେତ ଟପ୍ କ୍ୟାଡର ମାଓବାଦୀ ନିହତ ହେବା ପରେ ନକ୍ସଲ ସଂଗଠନ ଦୁର୍ବଳ (ପୃଷ୍ଠା ୭ରେ)

# ସେପ୍ଟେମ୍ବରରେ ୧.୫୪%କୁ ଖସିଲା ମୁଦ୍ରାସ୍ଫୀତି, ୮ ବର୍ଷରେ ସର୍ବନିମ୍ନ

**ନୂଆଦିଲ୍ଲୀ, ୧୩।୧୦**

ଭାରତର ଖୁଚୁରା ମୁଦ୍ରାସ୍ଫୀତି ସେପ୍ଟେମ୍ବର ୨୦୨୫ରେ ୧.୫୪%କୁ ଖସିଛି, ଯାହା ଜୁନ ୨୦୧୭ ପରେ ସର୍ବନିମ୍ନ। ଅଗଷ୍ଟରେ ଏହା ୨.୦୭% ଥିଲା। ଖାଦ୍ୟ ଜିନିଷ ଯେମିତି ପରିବା, ତେଲ, ଫଳ, ଡାଲି, ଶସ୍ୟ, ଅଣ୍ଡା ଓ ଇନ୍ଧନର ମୂଲ୍ୟ କମିବା ହେତୁ ମୁଦ୍ରାସ୍ଫୀତି ହ୍ରାସ ପାଇଛି। ଖାଦ୍ୟ ମୁଦ୍ରାସ୍ଫୀତି ଲଗାତାର ଚତୁର୍ଥ ମାସ ପାଇଁ ବିଯୁକ୍ତ ରହିଛି, ଯେଉଁଥିରେ ଖାଦ୍ୟ ମୂଲ୍ୟ ସୂଚକାଙ୍କ (ସିଏଫପିଆଇ) ଗତ ବର୍ଷ ତୁଳନାରେ ୨.୨୮% ହ୍ରାସ ପାଇଛି। ଗ୍ରାମାଞ୍ଚଳରେ ମୁଦ୍ରାସ୍ଫୀତି ୧.୬୯%ରୁ ୧.୦୭%କୁ ଓ ଖାଦ୍ୟ ମୁଦ୍ରାସ୍ଫୀତି -



୦.୭୦%ରୁ -୨.୧୭%କୁ ଖସିଛି। ସହରାଞ୍ଚଳରେ ମୁଦ୍ରାସ୍ଫୀତି ୨.୪୭%ରୁ ୨.୦୪%କୁ ଓ ଖାଦ୍ୟ ମୁଦ୍ରାସ୍ଫୀତି -୦.୫୩%ରୁ -୨.୪୭%କୁ ହ୍ରାସ ପାଇଛି।

ତେବେ କିଛି କ୍ଷେତ୍ରରେ ମୂଲ୍ୟ ବୃଦ୍ଧି ହୋଇଛି। ଆବାସ ମୁଦ୍ରାସ୍ଫୀତି ୩.୦୯%ରୁ ୩.୯୮%କୁ ବୃଦ୍ଧି ପାଇଛି, (ପୃଷ୍ଠା ୭ରେ)





## ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ନିମ୍ନ ମାନର ଅଭିଯୋଗ




**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଶୁଳିଆପଦା ବ୍ଲକ ଅନ୍ତର୍ଗତ ଦେଉଳି ଗ୍ରାମ ପଞ୍ଚାୟତର ଦେଉଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ନୂତନ ଭାବେ ଏକ ଅତ୍ୟାଧୁନିକ ଅତିରିକ୍ତ ଶ୍ରେଣୀ ଗୃହର ନିର୍ମାଣ କାର୍ଯ୍ୟ ଜାରି ରହିଛି । ଖୋଦ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନିଜ ନିର୍ବାଚନ ମଣ୍ଡଳୀରେ ନିମ୍ନ ମାନର ଉକ୍ତ ନିର୍ମାଣ କାର୍ଯ୍ୟ ହେଉଥିବା ନେଇ ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି । ନିର୍ମାଣ କାର୍ଯ୍ୟ ଦ୍ୱରିତ ହୋଇ ଛାତ ଢଳାଇ ପର୍ଯ୍ୟନ୍ତ ପହଞ୍ଚିଗଲାଣି କିନ୍ତୁ ଏ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ସ୍ଥଳରେ କୌଣସି ସୂଚନା ଫଳକ ନାହିଁ । ଯାହା ଫଳରେ କାର୍ଯ୍ୟ କେଉଁ ବିଭାଗ ଓ ଅଟକଳ ମୂଲ୍ୟ କେତେ ତାହା ଜଣା ପଡୁନାହିଁ । କାରଣ ଏହି ଶ୍ରେଣୀ ଗୃହ କାର୍ଯ୍ୟଟି ଅତି ନିମ୍ନ ମାନର ହେଉଛି ବୋଲି ବିଦ୍ୟାଳୟର କର୍ତ୍ତୃପକ୍ଷ ଓ ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି । ଉକ୍ତ ଗୃହ ନିର୍ମାଣ ପାଇଁ ଆନୁମାନିକ ମୂଲ୍ୟ ୧୫,୫୪,୨୨୭ ଟଙ୍କା ଥିବା ବେଳେ ବ୍ଲକରେ ଟେଣ୍ଡର ହୋଇଥିଲା । ଶ୍ରେଣୀ ଗୃହ ପ୍ଲିନ୍ଥ୍ ଓ କଲମରେ ନିମ୍ନ ମାନର ରୋଡ ସହିତ କମ୍ପାକସନ ପାଇଁ ଭାଇବ୍ରେଟର ବ୍ୟବହାର କରାଯାଇନାହିଁ । ଯାହା ଫଳରେ ବିଦ୍ୟାଳୟର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଶ୍ରେଣୀ ଗୃହ ଗୁଡ଼ିକ ମଧ୍ୟରେ ଫିଲିଂ ପାଇଁ ବାଲି ବଦଳରେ ମୋରମ ଓ ମାଟି ବ୍ୟବହାର କରାଯାଇଛି । ମୋରମ ଓ ମାଟି ଭର୍ତ୍ତି କରି ତା' ଉପରେ କଂକ୍ରିଟ କରାଯାଇଥିବାର ଅଭିଯୋଗ କରିଛନ୍ତି । ନିମ୍ନମାନ ଇଟା, ମେଟାରିଆଲ୍ସ ସହ ଭାଗ ମାପ ମଧ୍ୟ ଠିକ୍ ହେଉନଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତେବେ ଏ ବାବଦରେ ଶୁଳିଆପଦା ବ୍ଲକ ଯନ୍ତ୍ରୀ ତପନ କୁମାର ଦାସ ଓ ସହକାରୀ ଯନ୍ତ୍ରୀ ଅମଜାଦା ଅଲ୍ଲୀଙ୍କୁ କାର୍ଯ୍ୟ ବାବଦରେ ପଚାରିବାରୁ ସବୁ କିଛି ଠିକ୍ ଭାବେ ଚାଲିଛି ବୋଲି କହିଛନ୍ତି । ବିଦ୍ୟାଳୟ କର୍ତ୍ତୃପକ୍ଷ କାର୍ଯ୍ୟଟି ନିମ୍ନମାନର ହେଉଛି ବୋଲି ପ୍ରଶାସନିକ ଅଧିକାରୀଙ୍କୁ ଜଣାଇବା ପରେ ଠିକାଦାର ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ତାଗିଦ କରିଛନ୍ତି । କୁନି କୁନି ପିଲାଙ୍କ ପାଇଁ ଶ୍ରେଣୀ ଗୃହ ହେଉଥିବା ବେଳେ ତାଙ୍କ ଜୀବନ ସହ ଖେଳିବା ସଦୃଶ୍ୟ ଅଟେ । ଏହି କାର୍ଯ୍ୟରେ ଠିକାଦାର ଓ ଯନ୍ତ୍ରୀଙ୍କ ମଧ୍ୟରେ ପିସି କାରବାର ଥିବାରୁ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଜିଲ୍ଲାପାଳଙ୍କୁ ଅଭିଯୋଗ ଜଣାଇଛନ୍ତି ।

## ନେତୃତ୍ୱ ନେଇ ଆଗକୁ ବଢ଼ିବା ପାଇଁ କିଶୋରୀମାନଙ୍କୁ ପରାମର୍ଶ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ କନ୍ୟାସନ୍ତାନ ଦିବସ ୨୦୨୫ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷୁମା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ନବକ୍ରିଷ୍ଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ବିଡିଓ ଅଭିଶେକ ସ୍ୱାଇଁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ଯୋଗଦେଇ ପ୍ରତ୍ୟେକ ବର୍ଷ ଅକ୍ଟୋବର ମାସ ୧୧ ତାରିଖରେ ଅନ୍ତର୍ଜାତୀୟ କନ୍ୟାସନ୍ତାନ ଦିବସ ପାଳନ କରାଯାଏ । ସଖୀ ସହେଲୀ ଗ୍ରୁପ୍‌ର ମୁଖ୍ୟ ସଂପର୍କରେ ଆଲୋଚନା କରାଯାଇଥିଲା । କିଶୋରୀ ମାନେ ସେମାନଙ୍କ ଜୀବନ ନେତୃତ୍ୱର ଅଭିଜ୍ଞତା ସଂପର୍କରେ ଆଲୋଚନା କରିଥିଲେ । କିଭଳି ନେତୃତ୍ୱ ନେଇ ଆଗକୁ ବଢିପାରିବେ ସେ ସଂପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା । ଜିଲ୍ଲାର ୯ଟି ବ୍ଲକର ଶହେରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଉତ୍ତୀର୍ଣ୍ଣ ହୋଇଥିବା ୨୬ଜଣଙ୍କୁ ପୁରସ୍କୃତ କରାଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ହବ୍‌ର ଡିସି ଲଲାତେନ୍ଦୁ ଭୋଇ, ଭାରତୀ ବେହେରା, ସୁକାନ୍ତିଲତା ମହାପାତ୍ର, ସବିତାରାଣୀ ସ୍ୱାଇଁ, ପୋଷଣର ଡିସି ସଂଜୟ ପାତ୍ର, ମମତାର ଡିସି ମନୋରଞ୍ଜନ ଦାସଙ୍କ ସମେତ ସମସ୍ତ ସିଡିପିଓ, ସୁପର ଭାଇଜର, ହବ୍‌ର ଅଙ୍ଗନୱାଡ଼ି କର୍ମୀ, କିଶୋରୀ ଉପସ୍ଥିତ ଥିଲେ ।

## ମୟୂରଭଞ୍ଜ ଜିଲ୍ଲା ବିଜେଡି ନବ ନିଯୁକ୍ତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲା ବିଜୁ ଜନତା ଦଳର ଦୁଇ ନବ ନିଯୁକ୍ତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଜଣାଯାଇଛି । ସୋସିଆଲ ମିଡିଆ ସଂଯୋଜକ ଭାବେ ଅଭିଜିତ କଲିଆ ଓ ଆଇଟି ସେଲ ସଂଯୋଜକ ଭାବେ ସରୋଜ ଶତପଥୀ ନିଯୁକ୍ତ ହୋଇଛନ୍ତି । ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ରଙ୍କ ସୁପାରିସକ୍ରମେ ସଭାପତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଉଭୟଙ୍କୁ ନିଯୁକ୍ତ କରାଯାଇଛି । ନୂତନ ଦାୟିତ୍ୱକୁ ସୁଚାରୁ ରୂପେ ସମ୍ପାଦନ କରିବା ନିମନ୍ତେ ଦୃଢ଼ ଆଶା ଓ ବିଶ୍ୱାସ ପ୍ରକଟ କରିଛନ୍ତି । ଯାହାକୁ ନେଇ ସମ୍ବର୍ଦ୍ଧନା ଜଣାଇଛନ୍ତି । ଦଳର ସମସ୍ତ ନେତୃ ମଣ୍ଡଳୀଙ୍କ ଆଶୀର୍ବାଦ କାମନା କରିଛନ୍ତି । ଏନେଇ ଉଭୟ ଆଇଟି ସେଲ ମୁଖ୍ୟ ଡଃ ଅମର ପଟ୍ଟନାୟକ, ପୂର୍ବତନ ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଜିଲ୍ଲା ସଭାପତି ସୁଦାମ ମାର୍ଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଭାରତୀ ହାଁସଦା, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାଣ୍ଡି, ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ୍, ଜିଲ୍ଲା ସଭାପତି ତଥା ପୂର୍ବତନ ଏସଡିସି ଅଧ୍ୟକ୍ଷ ଡଃ ଦେବାଶିଷ ମାଣ୍ଡି, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ପୂର୍ବତନ ବିଧାୟକ ରାଜକିଶୋର ଦାସ, ବାରିପଦା ପୌରପାଳିକା ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ କୃଷି ଶିଳ୍ପ ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ଏମସିସି ବ୍ୟାଙ୍କ ଅଧ୍ୟକ୍ଷ ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ଉପ ନଗରପାଳ ଜିତେନ୍ଦ୍ର ମହାନ୍ତି, ବାରିପଦା ଟାଉନ ସଭାପତି ଜୋନ ମହାନ୍ତି, ଜିଲ୍ଲା ସଂଯୋଜକ ପ୍ରଭାତ ନାୟକ, ଜିଲ୍ଲା ଯୁବ ସଭାପତି ଅରୁଣ ବରାଡ଼, ଛାତ୍ର ସଭାପତି ସୁନୀଲ କୁମାର ନାୟକ, ମହିଳା ସଭାପତି ଦିପ୍ତିଲତା ମିଶ୍ର, ଉପ ନଗରପାଳ ସୀମା ଦାସ, ଆଇଟି ସହ ସଂଯୋଜକ ଓ ସୋସିଆଲ ମିଡ଼ିଆ ସେଲ ଅମରେଶ ପତ୍ରି, ଟିମ୍ ସଂଯୋଜକ ଜ୍ୟୋତି ରଞ୍ଜନ ଜେନାଙ୍କୁ ପ୍ରମୁଖ ଧନ୍ୟବାଦ ଜଣାଇଛନ୍ତି ।

## କେନ୍ଦ୍ରାପଡ଼ା ଜିଲ୍ଲାକୁ ଦାଦନମୁକ୍ତ କରିବାପାଇଁ ପଦକ୍ଷେପ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ପ୍ରଧାନମନ୍ତ୍ରୀଙ୍କ ଧନଧାନ୍ୟ ଯୋଜନାର ସିଧା ପ୍ରସାରଣ କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ, ଜିଲ୍ଲା ପ୍ରାଣୀ ସମ୍ପଦ ବିକାଶ ଅଧିକାରୀ ଡକ୍ଟର ମନୋଜ କୁମାର ପଟ୍ଟନାୟକ, କୃଷି ଉଦ୍ୟାନ ସହକାରୀ ନିର୍ଦ୍ଦେଶକ ଦେବଦାସ ଦତ, ଜିଲ୍ଲା କୃଷି ଅଧିକାରୀ ହେମନ୍ତ କୁମାର ସାମଲ ପ୍ରମୁଖଙ୍କ ସହ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୧୫୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦେଇ ବିଭିନ୍ନ କୃଷି ଯୋଜନା ବିଷୟରେ ଅବଗତ ହୋଇଥିଲେ । କେନ୍ଦ୍ରାପଡ଼ା ଜିଲ୍ଲାକୁ ଦାଦନମୁକ୍ତ କରିବାପାଇଁ ସମନ୍ୱିତ କୃଷି ଯୋଜନା ସଂପର୍କରେ ଆଲୋଚନା କରାଯିବା ସହିତ କେନ୍ଦ୍ରାପଡ଼ା ଜିଲ୍ଲାରେ ଅଣ୍ଡାଦିଆ କୁକୁଡ଼ାର ଫାର୍ମ କରିବା ପାଇଁ ଚାଷୀମାନଙ୍କୁ ଉତ୍ସାହିତ କରାଯାଇ ଥିଲା । ଏହି ଯୋଜନା ଦ୍ୱାରା ଚାଷୀମାନେ ବହୁ ଉପକୃତ ହେବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆତ୍ମାର ଡିପିଡି ନିରଞ୍ଜନ ରାଉତ, ଯୋଜନା ଅଧିକାରୀ ପଲ୍ଲବୀ ସାହୁ, ପାୟଲ୍ ପ୍ରିୟଦର୍ଶିନୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ପୋଷଣ ମାସ ଅଭିଯାନକୁ ଏକ ଜନଆନ୍ଦୋଳନ କରିବା ଉପରେ ଗୁରୁତ୍ୱାରୋପ

**କେନ୍ଦୁଝର, ନ୍ୟୁଜ୍**

ଓଡିଶା ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସ-୨୦୨୫ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ଯୋଗ ଦେଇଥିଲେ ଏବଂ ବିଭିନ୍ନ ସମନ୍ୱିତ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହିଥିଲେ । ଶ୍ରୀ ମହାଲିକ ନିଜ ଅଭିଭାଷଣରେ ପୋଷଣ ମାସ ଅଭିଯାନକୁ ଏକ ଜନ ଆନ୍ଦୋଳନ କରିବା ପାଇଁ ବିଭାଗ ଗୁଡ଼ିକ ମଧ୍ୟରେ ସାମୂହିକ କାର୍ଯ୍ୟ ଏବଂ ସମନ୍ୱୟର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ପୁଷ୍ଟିସାର ଏବଂ ସ୍ୱାସ୍ଥ୍ୟର ଲକ୍ଷ୍ୟ ହାସଲ ପାଇଁ ସଚେତନତା ଏବଂ ଆଚରଣଗତ ପରିବର୍ତ୍ତନର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ ।



ବୈଠକରେ ପୋଷଣ ମାସ-୨୦୨୫ର ଛଅଟି ବିଷୟବସ୍ତୁ କ୍ଷେତ୍ର-ସ୍ଥୂଳତା ସମ୍ବୋଧନ ଏବଂ ଚିନି ଏବଂ ତେଲ ବ୍ୟବହାର ହ୍ରାସ, ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ଶିକ୍ଷା, ଶିଶୁ ଏବଂ ଖାଦ୍ୟ ଅଭ୍ୟାସ, ପୁରୁଷ-ପ୍ରବାହ, ତୃଣମୂଳସ୍ତର ସଶକ୍ତିକରଣ ପାଇଁ ଲୋକାଲ୍ ଫର ଭୋକାଲ୍, ଏବଂ ସମନ୍ୱିତ କାର୍ଯ୍ୟ ଏବଂ ଡିଜିଟାଇଜେସନ୍ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା । ସୁସ୍ଥ ନାରୀ ସଶକ୍ତ ଭାରତ ଅଭିଯାନ ସହିତ ସମନ୍ୱୟ ରକ୍ଷା କରି ରାଜ୍ୟ କ୍ୟାଲେଣ୍ଡର ଅନୁଯାୟୀ ସମସ୍ତ ବିଷୟବସ୍ତୁ ଆଧାରିତ କାର୍ଯ୍ୟକଳାପ ପରିଚାଳନା ସୁନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇ ଥିଲା । ପୋଷଣ ମାସକୁ ଏକ ପ୍ରକୃତ ଜନ ଆନ୍ଦୋଳନ କରିବା ପାଇଁ ସମ୍ପ୍ରଦାୟସ୍ତରୀୟ ସଚେତନତା ଏବଂ ଗଣମାଧ୍ୟମ ପ୍ରସାରରେ ସକ୍ରିୟ ଭାବରେ ନିୟୋଜିତ ହେବାକୁ ବିଭାଗଗୁଡ଼ିକୁ ଅନୁରୋଧ କରାଯାଇ ଥିଲା । ପୋଷଣ ମାହ-୨୦୨୫ ହାସଟ୍ୟାଗ୍ ସହିତ ସୋସିଆଲ ମିଡିଆ ଅଭିଯାନ, ଜନ ଆନ୍ଦୋଳନ ଡ୍ୟାସବୋର୍ଡରେ ଫଟୋଗ୍ରାଫ୍ ସହିତ କାର୍ଯ୍ୟକଳାପର ପ୍ରତିଦିନ ଅପଡେଟ୍ ଏବଂ କାର୍ଯ୍ୟକଳାପର ଗୁଣବତ୍ତା ଏବଂ ସ୍ଥିରତା ତଦାରଖ କରିବା ପାଇଁ ଜିଲ୍ଲା, ବ୍ଲକ ଏବଂ ପ୍ରକଳ୍ପ ସ୍ତରରେ ନୋଡାଲ୍ ଅଧିକାରୀଙ୍କୁ ମନୋନୟନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମିତା ନାଏକ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୁଷ୍ପରାଣୀ ପଟ୍ଟନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଓସକା ସମ୍ପାଦିକା ଧରିତ୍ରୀ ରାଉତ, ସମାଜ ମଙ୍ଗଳ ଅଧିକାରୀ ଭାରତୀ ସାହୁ, ଜିଲ୍ଲା ସଂଯୋଜକ, ପୋଷଣ ଅଭିଯାନ ଅଜିତ ମହାନ୍ତି ଓ ପ୍ରୋଗ୍ରାମ ଅଫିସର ବାସନ୍ତୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

## ଚୋରି ହୋଇଥିବା ନବଜାତ ଶିଶୁ ବୈଶିଙ୍ଗାରୁ ଉଦ୍ଧାର

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ବାରିପଦା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ପୁଣି ନବଜାତ ଶିଶୁ ଚୋରି ନେଇ ଅଭିଯୋଗ ହୋଇଛି । ଏନେଇ ବାରିପଦା ଟାଉନ ଥାନା ପୁଲିସ ତଦନ୍ତ କରି ଶିଶୁକୁ ବୈଶିଙ୍ଗା ଥାନା ଅଞ୍ଚଳରୁ ଉଦ୍ଧାର କରିଛନ୍ତି । ବାରିପଦା ସଦର ଥାନା ଅନ୍ତର୍ଗତ ରାଣୀଭୋଳ ଗ୍ରାମର ଧାନାଇ ହାଁସଦାଙ୍କ ସ୍ତ୍ରୀ ଫୁଲମଣି ସୋରେନଙ୍କ ପ୍ରସବ ବେଦନା ହେବାରୁ ତାଙ୍କୁ ଆମ୍ବୁଲାନ୍ସରେ ମେଡିକାଲ ନେଇ ଆସିବା ବାଟରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ । ତାଙ୍କୁ ବାରିପଦା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଭୋର ୫ଟା ସମୟରେ ମେଡିକାଲରେ ଭର୍ତ୍ତି ହୋଇଥିଲେ । ରାତିରୁ ଜଣେ ଅଜଣା ମହିଳା ତାଙ୍କ ନିକଟରେ ଆସି ମେଳାପ କରି ସାଙ୍ଗରେ ରହିଥିଲା । ଅଜଣା ମହିଳା ଜଣକ ଧାନାଇ ହାଁସଦାଙ୍କୁ ପ୍ରସବ ଟଙ୍କା ପାଇଁ ଆବେଦନ କରିବାକୁ ଡାକି ନେଇଥିଲା । ଧାନାଇ ଶିଶୁପୁତ୍ରକୁ ଧରି ଆବେଦନ ପାଇଁ ଯାଇଥିବା ସମୟରେ କୌଶଳ କ୍ରମେ ମହିଳା ଜଣକ ତାଙ୍କ ଠାରୁ ଶିଶୁପୁତ୍ରକୁ ନେଇ ଉଭାନ୍ ହୋଇଯାଇଥିଲା । ବହୁ ଖୋଜା ଖୋଜି ପରେ ମଧ୍ୟ ଶିଶୁପୁତ୍ର ନ ମିଳିବାକୁ ଦମ୍ପତି ଓ ଆଶାଦିଦି ବାରିପଦା ଟାଉନ ଥାନାରେ ଜଣାଇଥିଲେ । ତେବେ ଅନେକ ଖୋଜା ଖୋଜି କରିବା ସହ ସ୍ଥାନୀୟ ଅଞ୍ଚଳର ସିସି ଟିଭି ଯାଞ୍ଚ କରିଥିଲେ । ଖବର ପାଇ ବୈଶିଙ୍ଗା ଅଞ୍ଚଳରୁ ଶିଶୁକୁ ଉଦ୍ଧାର କରି ମା' କୋଳକୁ ନବଜାତକ ଶିଶୁ ଫେରିଥିଲେ । ତଦନ୍ତ କରି ବୈଶିଙ୍ଗା ଥାନା ଅଞ୍ଚଳରୁ ଶିଶୁକୁ ଉଦ୍ଧାର କରାଯାଇଛି । ମହିଳାକୁ ଅଟକ ରଖି ପଚରା ଉଚରା ସହ ଅଧିକ ତଦନ୍ତ ଜାରି ରହିଛି । ଶିଶୁର ଚିକିତ୍ସା କରିବା ପରେ ମାକୁ ଫେରାଇ ଦିଆଯାଇଛି ।

## 'ଜାତୀୟ ବନ୍ୟପ୍ରାଣୀ ସପ୍ତାହ ଉପଲକ୍ଷେ ସଚେତନତା

**ବାଲେଶ୍ୱର, ନ୍ୟୁଜ୍**

'ଜାତୀୟ ବନ୍ୟପ୍ରାଣୀ ସପ୍ତାହ–୨୦୨୫' ପାଳନ ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାଜ କାର୍ଯ୍ୟ ବିଭାଗ ପକ୍ଷରୁ ନୀଳଗିରି ବ୍ଲକର କୁଲଡିହା ବନ୍ୟାଞ୍ଚଳ ସ୍ଥିତ ଅଭୟାରଣ୍ୟ, ସଂଲଗ୍ନ ଅଞ୍ଚଳର ଖୁମକୁଟ ଓ ଗୁଡିଖଲା ଗ୍ରାମରେ, ଗୋଷ୍ଠୀ-ସଂପର୍କ, ଜନଜାଗରଣ ଓ ସମ୍ପ୍ରସାରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା– ଜନସାଧାରଣଙ୍କ ଅଂଶଗ୍ରହଣ ମାଧ୍ୟମରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ପ୍ରତି ଜାଗୃକତା ବୃଦ୍ଧି କରିବା ଓ ପରିବେଶ ସଂରକ୍ଷଣ ଉଦ୍ୟମକୁ ଗ୍ରାମସ୍ତରରେ ଉତ୍ସାହିତ କରିବା । ଚଳିତବର୍ଷ ବନ୍ୟପ୍ରାଣୀ ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା 'ମାନବ–ବନ୍ୟଜୀବ ସହ-ଅସ୍ତିତ୍ୱ'କୁ ନେଇ ସଚେତନଶୀଳ ବାର୍ତ୍ତା ପହଞ୍ଚାଇବା । ଏହି ବିଷୟ ମାନବ ଓ ପ୍ରକୃତି ମଧ୍ୟରେ ସମନ୍ୱୟ ଓ ସହଯୋଗୀ ଅସ୍ତିତ୍ୱ ଗଠନର ଆବଶ୍ୟକତାକୁ ଅନୁଭବ କରାଯାଇଥିଲା । ବିଶ୍ୱବିଦ୍ୟାଳୟର ଏହି ସଚେତନତା ଅଭିଯାନ ଏହି ଭାବନା ସହ ସମନ୍ୱୟ ରଖି ଗ୍ରାମୀଣ ସମୁଦାୟ ଓ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକଳାପ କରାଗଲା । କାର୍ଯ୍ୟକ୍ରମଟି ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ ଏବଂ ସମାଜ କାର୍ଯ୍ୟ ବିଭାଗର ସହାୟକ ଅଧ୍ୟାପିକା ରଶ୍ମି ରେଖା ରାଉତଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଭାଗ ସଂଯୋଜିକା ଡ଼କ୍ଟର ଗ୍ରେସ ବି. ମୁଣ୍ଡୁ ଓ ସହକାରୀ ଅଧ୍ୟାପିକା ସୁପ୍ରିୟା ରାଉତ ସକ୍ରିୟ ଭାବେ ଅଂଶଗ୍ରହଣ କରି ଗ୍ରାମବାସୀଙ୍କୁ ବନ ଓ ବନ୍ୟଜୀବ ସଂରକ୍ଷଣ ପ୍ରତି ସଜାଗ ତଥା ଦାୟିତ୍ୱବାନ ହେବା ପାଇଁ ପ୍ରେରିତ କରିଥିଲେ । କାର୍ଯ୍ୟକ୍ରମରେ ସ୍ଥାନୀୟ ବନ୍ୟପ୍ରାଣୀ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷ ମନୋରଞ୍ଜନ ଦାସ ଆମନ୍ତ୍ରିତ ବକ୍ତା ଭାବେ ଯୋଗଦେଇ ସମୁଦାୟ ଭିତ୍ତିକ ବନ୍ୟଜୀବ ସଂରକ୍ଷଣ ଉଦ୍ୟମର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ । ସେ ସେଠାକାର ଯୁବପିଢ଼ିଙ୍କୁ ପରିବେଶର ସୁସ୍ଥିତି ଓ ସୁରକ୍ଷା ପାଇଁ ସଚେତନ ହୋଇ ବ୍ୟକ୍ତିଗତ ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ଆହ୍ୱାନ ଜଣାଇଥିଲେ । ସ୍ଥାନୀୟ ସହଯୋଗୀ ଭାବେ ଗୁଡିଖଲା ପ୍ରାଥମିକ ବିଦ୍ୟାଳୟର ମୁଖ୍ୟ ଶିକ୍ଷିକା ସୁକାନ୍ତି ସିଂହ ଓ ଶିକ୍ଷକମାନେ ବିଶ୍ୱବିଦ୍ୟାଳୟ ସହ ସମ୍ମିଳିତ ହୋଇ ଏହି ଅଭିଯାନକୁ ଅଧିକ ସମାବେଶୀ ଓ ସଫଳ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ପୋଷ୍ଟର ଓ ସ୍ଲୋଗାନ ସହିତ ଆୟୋଜିତ ସଚେତନତା ରାଲି ମାନବ ଓ ପ୍ରକୃତି ମଧ୍ୟରେ ସମନ୍ୱୟ ଓ ସହ-ଅସ୍ତିତ୍ୱର ସନ୍ଦେଶକୁ ପରିପ୍ରକାଶ କରିଥିଲା । ଏହି ସମ୍ପ୍ରସାରଣ ଅଭିଯାନ ମାଧ୍ୟମରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପୁନରାୟ ନିଜ ସମାଜିକ ଦାୟିତ୍ୱ ଓ ପରିବେଶ ତଥା ବନ୍ୟପ୍ରାଣୀଙ୍କ ସଂରକ୍ଷଣର ପ୍ରତିବଦ୍ଧତାକୁ ପ୍ରମାଣିତ କରିପାରିଛି ।

## ମାନସିକ ରୋଗୀଙ୍କୁ ଉଦ୍ଦିଷ୍ଟ ଆଇନ ସହାୟତା ଉପଲବ୍ଧ ନିମନ୍ତେ ଗୁରୁତ୍ୱ



**କଟକ, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ଆଇନ ସେବା ପ୍ରାଧିକରଣ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କଟକଙ୍କ ମିଳିତ ଆନୁକୂଲ୍ୟରେ ତା 'ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ" ଶ୍ରୀ ରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ସ୍ଥିତ ଉତ୍କୃଷ୍ଟ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ପାଳନ କରାଯାଇଛି । ବିଶ୍ୱ ମାନସିକ ଦିବସ ପାଳନ ଅବସରରେ ମାନସିକ ରୋଗୀମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନ ସହାୟତା ଦିଗ ଉପରେ ବିସ୍ତୃତ ଆଲୋଚନା କରାଯାଇ ଏହା କିପରି ସହଜରେ ମାନସିକ ରୋଗୀଙ୍କ ପାଇଁ ଉପଲବ୍ଧ ହୋଇପାରିବ ଏବଂ ମାନସିକ ରୋଗୀମାନେ କିପରି ତ୍ୱରିତ ନ୍ୟାୟ ପାଇପାରିବେ ସେଥିପ୍ରତି ଦୃଷ୍ଟି ଦିଆଯାଇଥିଲା । ତତ୍‌ସହିତ ଚିକିତ୍ସିତ ହେଉଥିବା ପ୍ରତ୍ୟେକ ମାନସିକ ରୋଗୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ଏହି ଅବସରରେ ରାଜ୍ୟ ଆଇନ ସେବା ପ୍ରାଧିକରଣର ସହ-ସଚିବ ବିବେକ ସାସମଲ, ଜିଲ୍ଲା ଆଇନ ସେବା ପ୍ରାଧିକରଣ କଟକର ସଚିବ ଜଗଦିଶ ଚନ୍ଦ୍ର ଜେନାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀ ରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ତଥା ଚିକିତ୍ସାଳୟର ମାନସିକ ରୋଗୀ ବିଭାଗର ନିର୍ଦ୍ଦେଶକ ତଥା ଅଧୀକ୍ଷକ, ପ୍ର.ଡା. ଅଜୟ ମିଶ୍ର, ଡକ୍ଟର ଯଶୋବନ୍ତ ମହାପାତ୍ର, ସହଯୋଗୀ ପ୍ରାଧାପକ ଓ ବିଭାଗୀୟ ମୁଖ୍ୟ ଚିକିତ୍ସକ ମନୋବିଜ୍ଞାନ ବିଭାଗ, ଉତ୍କୃଷ୍ଟ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ, ବିଭାବସୁ ରାଉତ, ଚିକିତ୍ସାଳୟ ପରିଚାଳକ ଉପ ଉପସ୍ଥିତ ରହି ନିଜ ନିଜର ମତ ପୋଷଣ କରିବା ସହିତ ମାନସିକ ରୋଗୀମାନଙ୍କୁ ଭେଟି ସେମାନଙ୍କ ସାସ୍ଥ୍ୟ ଅବସ୍ଥା ବୁଝିଥିଲେ । ରାଜ୍ୟ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନ କରିବାରେ ସହାୟତା କରିଥିଲେ ।

## ଜନ ଶିକ୍ଷଣ ସଂସ୍ଥାନ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ଜନ ଶିକ୍ଷଣ ସଂସ୍ଥାନ ନିର୍ଦ୍ଦେଶକ ମନୋଜ ବିଶ୍ୱାଳଙ୍କ ପରାମର୍ଶକ୍ରମେ ଏକ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ସହରସ୍ଥିତ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମ ଓ ସାନ ବଜାର ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଫେଇ କାର୍ଯ୍ୟକ୍ରମରେ ଓଡ଼ିଶା ସମ୍ବାଦିକ ସଙ୍ଘର ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ତଥା ଅନୁଷ୍ଠାନ ଏପିଓ ଉମାକାନ୍ତ ବେହେରା, ଟିଆଇଆଇଟିର ମୁଖ୍ୟ ବିଜୟ ଭାସ୍କର ରେଡି, ପିଓ ଅଂଶୁମାନ ପଟନାୟକ, ଏପିଓ ରାଧାରମଣ ପାଢ଼ୀ, ଫିଲଡ଼ ଆସିଷ୍ଟାଣ୍ଟ ସୁବାସ ଚନ୍ଦ୍ର ସାହୁ, ସହକର୍ମୀ ସୀମାଞ୍ଚଳ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସୁପରିଚାଳନା କରିଥିଲେ । ଏଥିରେ ଟିଆଇଆଇଟି କମ୍ପ୍ୟୁଟର ସେଣ୍ଟରର ୫୦ରୁ ଉର୍ଦ୍ଧ୍ୱ ଯୁବକ ଯୁବତୀ ଶ୍ରମଦାନ କରି ଓପେନ ଜିମ ଓ ଶୌଚାଳୟ ଓ ପ୍ରାଥମିକ ବିଦ୍ୟାଳୟରେ ପଡ଼ିଥିବା ଅଳିଆ ଆବର୍ଜନା ସଫେଇ କରିଥିଲେ । ଜେଏସଏସ ସହକର୍ମୀ ଓ କମ୍ପ୍ୟୁଟର ମୁଖ୍ୟ ଉକ୍ତ ସ୍ୱଚ୍ଛତା କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାବିତ ଗୋପାଳ ବେହେରା ଯୋଗଦେଇ ଉଚ୍ଚ ପ୍ରଶଂସା କରିଥିଲେ ।

## ଏମ୍‌କେସିଜି ଶିଶୁ ବିଭାଗକୁ ଆସିଲା ପୋର୍ଟେବଲ୍ ଏକ୍ସରେ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଏମ୍‌କେସିଜି ମେଡ଼ିକାଲ୍ ଶିଶୁ ବିଭାଗରେ ଥିବା ପୋର୍ଟେକଲ ଏକ୍ସରେ ମେସିନ୍ ମାସାଧିକ ସମୟ ହେବ ଅଚଳ ନେଇ ଖବର ପ୍ରକାଶ ପାଇଥିବା ପରେ ମେଡ଼ିକାଲ୍ କର୍ତ୍ତୃପକ୍ଷ ତତ୍ପରତା ଦେଖାଇଛନ୍ତି । ଶିଶୁ ବିଭାଗ ଆଇସିୟୁରେ ଚିକିତ୍ସିତ ସଙ୍କଟାପନ୍ନ ଶିଶୁଙ୍କ ନିମନ୍ତେ ତୁରନ୍ତ ଅନ୍ୟ ଏକ ବିଭାଗରେ ଥିବା ପୋର୍ଟେବଲ୍ ଏକ୍ସରେ ମେସିନ୍ ଯୋଗାଇ ଦିଆଯାଇଛି । ଫଳରେ ବିଭାଗରେ ଚିକିତ୍ସତ ଏକାଧିକ ଶିଶୁଙ୍କ ଏକ୍ସରେ କରାଯାଇଛି । ଅନ୍ୟପକ୍ଷରେ ମେଡ଼ିକାଲ୍ ଶିଶୁ ବିଭାଗର ଥିବା ପୋର୍ଟେବଲ୍ ଏକ୍ସରେ ମେସିନ୍ ଏବେ ମଧ୍ୟ ଅଚଳ ରହିଥିବା ବେଳେ ତାକୁ କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଛି । ସୂଚନାଯୋଗ୍ୟଯେ, ଏମ୍‌କେସିଜି ମେଡ଼ିକାଲ୍ ଶିଶୁ ବିଭାଗରେ ନବଜାତ ଠାରୁ ୧୬ ବର୍ଷ ପର୍ଯ୍ୟନ୍ତ ବହୁ ସଙ୍କଟାପନ୍ନ ଓ ଗୁରୁତର ଶିଶୁ ଚିକିତ୍ସିତ ହୋଇଥାନ୍ତି । ସେଥି ମଧ୍ୟରୁ ଅନେକ ଶିଶୁ ଚିକିତ୍ସା ସମୟେ ବାଧ୍ୟତାମୂଳକ ଭାବେ ଅକ୍ସିଜେନ୍ ଗ୍ରହଣ କରିଥାନ୍ତି । ଏଭଳି ସଙ୍କଟାପନ୍ନ ଶିଶୁଙ୍କ ଆବଶ୍ୟକତା ସ୍ଥଳେ ଡାକ୍ତର ରୋଗ ନିର୍ଣ୍ଣୟ ପାଇଁ ଏକ୍ସରେ କରିବାକୁ ପରାମର୍ଶ କରିଥାନ୍ତି । ଶିଶୁ ବିଭାଗରେ ଅକ୍ସିଜେନ୍ ସପୋର୍ଟରେ ଚିକିତ୍ସିତ ହୋଇଥିବା ବେଳେ ଅନ୍ୟ ବିଭାଗକୁ ଯାଇ, ଏକ୍ସରେ କରିବା ଶିଶୁଙ୍କ ଜୀବନ ପ୍ରତି ବିପଦ ରହିଛି । ଏହାକୁ ଦୃଷ୍ଟିରେ ରଖି ମେଡ଼ିକାଲ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଭାଗର ତଳ ମହଲାରେ ଏକ ପୋର୍ଟେବଲ୍ ଏକ୍ସରେ ମେସିନର ବ୍ୟବସ୍ଥା କରାଯାଇଛି । କିନ୍ତୁ ଦୀର୍ଘ ଏକ ମାସରୁ ଅଧିକ ସମୟ ହେବ ଉକ୍ତ ମେସିନ୍ ଅଚଳ ରହିଛି । ଡାକ୍ତର ଯେଉଁ ରୋଗୀଙ୍କୁ ଏକ୍ସରେ କରିବାକୁ ପରାମର୍ଶ କରୁଛନ୍ତି । ଏଭଳି କ୍ଷେତ୍ରରେ ଶିଶୁଙ୍କ ସମ୍ପର୍କୀୟମାନେ ଘରୋଇ ଡାଏଗ୍ନୋଷ୍ଟିକ୍ ସେଣ୍ଟର ସହ ଯୋଗାଯୋଗ କରି ୮ ଶହ ଟଙ୍କା ଦେଇ ଏକ୍ସରେ କରିଥିଲେ । ଯାହାକୁ ନେଇ କିଛି ଦିନ ପୂର୍ବେ ଖବର ପ୍ରକାଶ ପାଇଥିଲା । ଏହାପରେ ଏମ୍‌କେସିଜି ମେଡ଼ିକାଲ୍ କର୍ତ୍ତୃପକ୍ଷ ଅନ୍ୟ ଏକ ପୋର୍ଟେବଲ୍ ଏକ୍ସରେ ମେସିନ୍ ବ୍ୟବସ୍ଥା କରିଛନ୍ତି ।

## 'ବରିଷ୍ଠ ନାଗରିକମାନଙ୍କ ଅଭିଜ୍ଞତା ସର୍ବଦା କାମ୍ୟ'

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**




ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ପାଳିତ ହୋଇଯାଇଅଛି । ଏହି ଉପଲକ୍ଷେ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ଜଗତସିଂହପୁର, ଅମରେନ୍ଦ୍ର ଦାସ କହିଲେ ବରିଷ୍ଠ ନାଗରିକ ମାନଙ୍କର ଅଭିଜ୍ଞତା ଓ ଅନୁପ୍ରେରଣା ସର୍ବଦା ଜିଲ୍ଲା ପାଇଁ କାମ୍ୟ । ସେମାନଙ୍କର ଆଶୀର୍ବାଦରେ ଜଗତସିଂହପୁର ଜିଲ୍ଲାର ପ୍ରଗତି ଦ୍ୱିଗୁଣିତ ହେବ । ସେମାନଙ୍କର ସମସ୍ତ ସୁବିଧା ଅସୁବିଧାକୁ ଶୁଣି ବିଧାୟକ ଶ୍ରୀ ଦାସ ବରିଷ୍ଠ ନାଗରିକଙ୍କ ନିମନ୍ତେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ତଥା ବ୍ୟାଙ୍କମାନଙ୍କରେ ସ୍ୱତନ୍ତ୍ର ଧାଡ଼ିର ବ୍ୟବସ୍ଥା, ସମସ୍ତ ସୁବିଧା ସୁଯୋଗ ଥିବା ଏକ ବିଶ୍ରାମଗାର, ସରକାରୀ କାର୍ଯ୍ୟାଳୟରେ ଅଗ୍ରାଧିକାର ଭିତ୍ତରେ ସେମାନଙ୍କର କାର୍ଯ୍ୟ ସମ୍ପାଦନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କ ସହ ପରାମର୍ଶ କରିବେ ବୋଲି କହିଥିଲେ । ଆବଶ୍ୟକୀୟ ଦାବି ପୂରଣ ହୋଇ ପାରିଲେ ହିଁ ବରିଷ୍ଠ ନାଗରିକମାନଙ୍କୁ ଉପଯୁକ୍ତ ସମ୍ମାନ ମିଳିପାରିବ ବୋଲି ବିଧାୟକ କହିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦର ସଭାପତି ମନୋଜ କୁମାର ଭୋଇ ବରିଷ୍ଠ ନାଗରିକମାନଙ୍କୁ ସୁସ୍ଥ ସମାଜର ସୂତ୍ରଧର ବୋଲି କହିଥିଲେ । ସେମାନଙ୍କର ପ୍ରେରଣାରେ ଜିଲ୍ଲା ବିକାଶ ରାସ୍ତାରେ ଅଗ୍ରସର ହେବ ବୋଲି ଶ୍ରୀ ଭୋଇ ମତ ପ୍ରକାଶ କରିଥିଲେ । ସଭାରେ ଅଧ୍ୟକ୍ଷତା କରି ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ ବରିଷ୍ଠ ନାଗରିକ ମାନଙ୍କର ଅଭିଜ୍ଞତା ଓ ଦିଗଦର୍ଶନ ସର୍ବଦା କର୍ମଜୀବନ ଓ ବ୍ୟକ୍ତିଗତ ଜୀବନକୁ ଆଲୋକିତ କରିଥାଏ ବୋଲି କହିଥିଲେ । ସଭାରେ ଯୋଗ ଦେଇ ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ ବରିଷ୍ଠ ନାଗରିକମାନେ ସର୍ବଦା ପୂଜ୍ୟ ଓ ସେମାନଙ୍କର ଅଭିଜ୍ଞତା ତଥା ଆଶୀର୍ବାଦ ସମାଜକୁ ବିକାଶ ଦିଗରେ ଅଗ୍ରଗତି କରାଇବ ବୋଲି ସେ କହିଥିଲେ । ପ୍ରେମାନନ୍ଦ ପଢ଼ିଆରୀ ଉପ ସଭାପତି, ବରିଷ୍ଠ ନାଗରିକ ମହାମଞ୍ଚ ଜଗତସିଂହପୁର, ବରିଷ୍ଠ ନାଗରିକ ମାନଙ୍କର ସୁବିଧା ଅସୁବିଧା କଥା ଉପସ୍ଥାପନ କରିଥିଲେ । ବିଶିଷ୍ଟ ବରିଷ୍ଠ ନାଗରିକ ଗୌରାଙ୍ଗ ଚରଣ ହୋତା ଏହି ଦିବସଟିକୁ ତା'ର ଯଥୋଚିତ ଦିନରେ ପାଳନ କରିବା ପାଇଁ ପ୍ରସ୍ତାବ ରଖିଥିଲେ । ପରେ ବିଶିଷ୍ଟ ବରିଷ୍ଠ ନାଗରିକମାନଙ୍କୁ ଅତିଥିମାନେ ସାଲ, ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ । ଏହି ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ୮୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ମାନଙ୍କୁ ୩୫୦୦ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଥିଲା । ଏଥିସହ ଯେଉଁମାନେ ଚାଲିବାର ଅସୁବିଧା ଭୋଗ କରୁଛନ୍ତି ସେମାନଙ୍କୁ ଆଶ୍ରା ବାଡି ପ୍ରଦାନ କରାଯାଇଥିଲା । ବିଭିନ୍ନ ବ୍ଲକ୍‌ର ବରିଷ୍ଠ ନାଗରିକ ମଞ୍ଚର ଅଧ୍ୟକ୍ଷ ତଥା କର୍ମକର୍ତ୍ତାମାନଙ୍କୁ ମଧ୍ୟ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଇନଫ୍ଲୁଏଞ୍ଜା ରୋଗ ନେଇ ସଚେତନତା

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ପ୍ରତିଶ୍ୟାୟ ରୋଗ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. ନକୁଳ ସାହୁ କହିଲେ ଋତୁ ସନ୍ଧିରେ ଥଣ୍ଡାରେ ବୁଲିଲେ, ଥଣ୍ଡା ଖାଦ୍ୟ ପାନୀୟ, ଖଟା ଖାଇଲେ, ଦୂଷିତ ଧୂଳିକଣା ନାସାରେ ପଶିଲେ କଫ ବାତ ବଢି, ଭୂତାଣୁ ଦ୍ୱାରା ନାସା ପଥ ସଂକ୍ରମିତ ହୋଇ ଆଖି ନାକରୁ ପାଣି ବାହାରେ ସାଧାରଣ ଜ୍ୱର ରହେ, ସ୍ୱାଦ, ଗନ୍ଧ ଜଣାଯାଏ ନାହିଁ, ଅଗ୍ନିମାନ୍ଦ୍ୟ, ଅରୁଚି ରହେ, ନାସା ଗଳାକଣ୍ଠୁ ହୁଏ । କାରଣଗୁଡ଼ିକୁ ଛାଡ଼ି ଆବଦ୍ଧ ଗୃହରେ ବିଶ୍ରାମ ନେବେ, ଧାରଉଷ୍ଣ ଜଳପାନ ସହ ତୁଳସୀ ପତ୍ର ସିଝା ପାଣି, ଶୁଣ୍ଠି, ଗୋଲମରିଚ, ଗୁଜୁରାତି, ସିଝାଇ ପାନକଲେ ଭଲ ହୋଇଯାଏ । କଳାଜିରା ମନ୍ଥି ଶୁଙ୍ଘିଲେ ଆରାମ ମିଳେ । ଏହି ଅବସରରେ ରୋଗୀଙ୍କ ନାଡ଼ୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇ ଥିଲା । ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ ରାଓ । ଏହି ଶିବିର ପ୍ରତି ସୋମବାରେ ଅନୁଷ୍ଠିତ ହୁଏ । ସମସ୍ତେ ଏହାର ସୁଯୋଗ ନେବାକୁ ପ୍ରତିଷ୍ଠାନ ଅନୁରୋଧ କରିଛନ୍ତି ।



## ପୋଷ୍ୟ ପିତାମାତାଙ୍କ ହତ୍ୟା ମାମଲା

# କାରାଦଣ୍ଡ ଭୋଗୁଥିବା ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

କଟକ, ନ୍ୟୁଜ୍ ବ୍ୟୁରୋ

ପ୍ରାୟ ତିନି ଦଶନ୍ଧି ପୂର୍ବେ ପୋଷ୍ୟ ପିତାମାତାଙ୍କ ହତ୍ୟା ଅଭିଯୋଗରେ ଅଭାବନ କାରାଦଣ୍ଡ ଭୋଗୁଥିବା ପ୍ରଶାନ୍ତ କୁମାର ସାହୁଙ୍କୁ ଓଡ଼ିଶା ହାଇକୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ...

## ଜଣେ ବ୍ୟକ୍ତିଙ୍କୁ ଗଳା କାଟି ହତ୍ୟା

ବରଗଡ଼, ନ୍ୟୁଜ୍ ବ୍ୟୁରୋ

ବରଗଡ଼ ଜିଲ୍ଲା ଅତାବିରା ଥାନା ...



## ଗଜଲକ୍ଷ୍ମୀ ପୂଜା ପାଇଁ ଉତ୍ସବ ମୁଖର ରାୟଗଡ଼ା

ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ

ରାୟଗଡ଼ା ନିଉ କଲୋନୀ ଷ୍ଟେଟ ମାଁ ଗଜଲକ୍ଷ୍ମୀ ପୂଜା କମିଟି ...

## ଅସହାୟ ଦିବ୍ୟାଙ୍ଗଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀଙ୍କ ଦାବି

ଧାମନଗର, ନ୍ୟୁଜ୍ ବ୍ୟୁରୋ

ଧାମନଗର ବ୍ଲକ ମୁକ୍ତାପାପୁର ପଞ୍ଚାୟତ ...



## କଟକ ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ-୨୦୨୫ ପାଳିତ

କଟକ, ନ୍ୟୁଜ୍ ବ୍ୟୁରୋ

ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ-୨୦୨୫ କଟକ ଶହୀଦ ଭବନ ଠାରେ ପାଳିତ ହୋଇଯାଇଛି। ...

## ପର୍ଯ୍ୟଟନ କ୍ଷେତ୍ର ଗଳଗଳି ଶଙ୍କର ବିକାଶ ପାଇଁ ନକ୍ସା ପ୍ରସ୍ତୁତ



ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

...



## କେନ୍ଦୁଝର ଠାରେ ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳିତ

କେନ୍ଦୁଝର, ନ୍ୟୁଜ୍

...

## ମା' କ୍ଷୀର ପରି ଅଣ୍ଡାରେ ସର୍ବାଧିକ ପୋଷଣ ଥାଏ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

...

## ସାବୁଲିଆ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫

## ମୋ ଜଗା କାଳିଆ ନୃତ୍ୟରେ ଝୁମିଲେ ଦର୍ଶକ, ଦୁଲୁକିଲା ମଞ୍ଚ



ରସା, ନ୍ୟୁଜ୍ ବ୍ୟୁରୋ

...

## ଗଜଲକ୍ଷ୍ମୀ ପୂଜା ମଣ୍ଡପ ଦର୍ଶନ କଲେ କୋରେଇ ବିଧାୟକ ଆକାଶ ଦାସନାୟକ


ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ

...

## ୧୫ରେ ପ୍ରେସ୍ କ୍ଲବ ପକ୍ଷରୁ ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର

କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ

...



## ବରିଷ୍ଠ ନାଗରିକମାନଙ୍କ ସମସ୍ୟା ଉପରେ ଆଲୋକପାତ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

...

## ଶାନ୍ତି ଶୃଙ୍ଖଳାରେ ସରିଲା ଚୌଦ୍ୱାର ରୂପଯାତ୍ରା

ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ



...

## ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ସୁରଭି

ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ

...

# ବିରାଟଙ୍କୁ ଝଟ୍‌କା
## ପ୍ଲେ-୧୧ରେ ମିଳିଲାନି ସ୍ଥାନ



**ନୂଆଦିଲ୍ଲୀ**

ପୂର୍ବତନ ଦକ୍ଷିଣ ଆଫ୍ରିକା କ୍ରିକେଟର ହାସିମ ଆମଲା ଟେଷ୍ଟ କ୍ରିକେଟରେ ତାଙ୍କର ସର୍ବକାଳୀନ ଶ୍ରେଷ୍ଠ ଖେଳାଳି ୧୧ ଚୟନ କରିଛନ୍ତି। ସେ ଭାରତର ସବୁଠାରୁ ସଫଳ ଟେଷ୍ଟ ଅଧିନାୟକ ବିରାଟ କୋହଲିଙ୍କୁ ତାଙ୍କର ସର୍ବୋତ୍ତମ ଖେଳାଳି ୧୧ ମଧ୍ୟରୁ ବାଦ୍ ଦେଇଛନ୍ତି। କେବଳ ବିରାଟ ନୁହେଁ, ସେ ସମସ୍ତ ଚାରି ଫ୍ୟାବ-୪ ବ୍ୟାଟ୍ସମ୍ୟାନ: ଷ୍ଟିଭ ସ୍ମିଥ୍, ଜୋ ରୁଟ୍ ଏବଂ କେନ ୱିଲିୟମ୍ସନଙ୍କୁ ମଧ୍ୟ ଅଣଦେଖା କରିଛନ୍ତି। ଆମଲା ଓପନର ଭାବରେ ଗ୍ରାଏମ ସ୍ମିଥ୍ ଏବଂ ମାଥ୍ୟୁ ହେଡେନ୍‌ଙ୍କୁ ଚୟନ କରିଛନ୍ତି।

ହାସିମ ଆମଲା ଟେଷ୍ଟରେ ସର୍ବୋତ୍ତମ ଖେଳାଳି ୧୧ ଚୟନ କରିଛନ୍ତି। ହାସିମ ଆମଲା ତାଙ୍କ ସର୍ବୋତ୍ତମ ଖେଳାଳି ୧୧ରେ ମାଥ୍ୟୁ ହେଡେନ ଏବଂ ଗ୍ରାଏମ ସ୍ମିଥ୍‌ଙ୍କୁ ଓପନର ଭାବରେ ସାମିଲ କରିଛନ୍ତି। ସ୍ମିଥ ଦକ୍ଷିଣ ଆଫ୍ରିକାର ସବୁଠାରୁ ସଫଳ ଟେଷ୍ଟ ବ୍ୟାଟ୍ସମ୍ୟାନ ଏବଂ ଏହାର ସବୁଠାରୁ ସଫଳ ଟେଷ୍ଟ ଅଧିନାୟକମାନଙ୍କ ମଧ୍ୟରୁ ଜଣେ। ଆମଲା 'ଦି ୱାଲ' ଭାବରେ ଜଣାଶୁଣା ରାହୁଲ ଦ୍ରାବିଡଙ୍କୁ ଏବଂ ଚତୁର୍ଥ ସ୍ଥାନରେ ରିକି ପଣ୍ଟିଂଙ୍କୁ ନମ୍ବର ୩ ସ୍ଥାନ ଦେଇଛନ୍ତି। ପଣ୍ଟିଂ ଏବଂ ଦ୍ରାବିଡ ସେମାନଙ୍କ ଟେଷ୍ଟ କ୍ୟାରିୟରରେ ଯଥାକ୍ରମେ ୧୩,୩୭୮ ଏବଂ ୧୩,୨୮୮ ରନ କରିଛନ୍ତି।


ଆମଲା ଟେଷ୍ଟରେ ୧୩,୨୮୯ ରନ ଏବଂ ୨୯୨ ଉଇକେଟ୍ ନେଇଥିବା ଜ୍ୟାକ କାଲିସଙ୍କୁ ପଞ୍ଚମ ସ୍ଥାନରେ ରଖିଛନ୍ତି। ଶ୍ରେଷ୍ଠ ଟେଷ୍ଟ ବ୍ୟାଟ୍‌ସମ୍ୟାନଙ୍କ ମଧ୍ୟରୁ ଜଣେ ବ୍ରାଏନ ଲାରା ମଧ୍ୟ ଦଳରେ ନାହାନ୍ତି, କିନ୍ତୁ ହାସିମ ଆମଲା ଟେଷ୍ଟରେ ସର୍ବାଧିକ ରନ ସ୍କୋରର ସଚିନ ତେନ୍ଦୁଲକରଙ୍କୁ ସାମିଲ କରିଛନ୍ତି। ସଚିନ ତାଙ୍କ ଟେଷ୍ଟ କ୍ୟାରିୟରରେ ୧୫,୯୨୧ ରନ ଏବଂ ୫୧ ଶତକ ହାସଲ କରିଛନ୍ତି। ଏବି ଡିଭିଲିୟର୍ସ ହାସିମ ଆମଲାଙ୍କ ଶ୍ରେଷ୍ଠ ଟେଷ୍ଟ ପ୍ଲେଇଂ ଇଲେଭେନରେ ଉଇକେଟ୍ କିପର ହେବେ। ମୁଥିଆ ମୁରଲୀଧରନ ଏବଂ ସେନ ୱାର୍ଣ୍ଣ ସ୍ପିନ ବୋଲିଂ ଦାୟିତ୍ୱ ତୁଲାଇବେ। ସେ ଦ୍ରୁତ ବୋଲରଙ୍କ ତାଲିକାରେ ଡେଲ ଷ୍ଟେନ ଏବଂ ଗ୍ଲେନ ମ୍ୟାକଗ୍ରାଙ୍କୁ ସାମିଲ କରିଛନ୍ତି। ମୁରଲୀଧରନ ଟେଷ୍ଟରେ ୮୦୦ ଉଇକେଟ୍ ନେଇଥିଲେ, ଯାହା ଏପର୍ଯ୍ୟନ୍ତ ସର୍ବାଧିକ। ଅନ୍ୟପକ୍ଷରେ ୱାର୍ଣ୍ଣ ୭୦୮ ଉଇକେଟ୍ ନେଇଥିଲେ।

## ଭାରତ ଓ ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଟେଷ୍ଟ

# ଟିମ୍ ଇଣ୍ଡିଆ ସାମ୍ନାରେ ୧୨୧ ରନର ବିଜୟ ଲକ୍ଷ୍ୟ

**ନୂଆଦିଲ୍ଲୀ**

ଭାରତ ଓ ୱେଷ୍ଟ ଇଣ୍ଡିଜ ଦ୍ୱିତୀୟ ଟେଷ୍ଟ। ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳାଯାଉଛି ମ୍ୟାଚ୍। ଫଲୋଅନ୍ ଖାଇଥିବା କାରବିୟାନ ଦଳ ଚତୁର୍ଥ ଦିନରେ ଲଢୁଆ ବ୍ୟାଟିଂ କରିଛି। ଦ୍ୱିତୀୟ ଇନିଂସ ଦଳ ୩୯୦ ରନ କରି ଅଲଆଉଟ୍ ହୋଇଛି। ଯାହା ଫଳରେ ଭାରତକୁ ୧୨୧ ରନ୍ ବିଜୟ ଲକ୍ଷ୍ୟ ମିଳିଛି। ଭାରତୀୟ ଟିମ୍ ନିଜର ପ୍ରଥମ ଇନିଂସ ୫୧୮/୫ ରନରେ ଘୋଷଣା କରିଥିଲା। ଏହାର ଜବାବରେ ୱେଷ୍ଟଇଣ୍ଡିଜର ପ୍ରଥମ ଇନିଂସ ୨୪୮ ରନ୍‌ରେ ସୀମିତ ହୋଇଥିଲା। ପ୍ରଥମ ପାଳି ଆଧାରରେ



ଭାରତକୁ ୨୭୦ ରନ୍ ଲିଡ୍ ମିଳିଥିଲା ଏବଂ ୱେଷ୍ଟଇଣ୍ଡିଜକୁ ଫୋଲୋଅନ୍ ଦେଇଥିଲା। ଫୋଲୋଅନ୍ ପରେ ୱେଷ୍ଟଇଣ୍ଡିଜର ଦ୍ୱିତୀୟ ଇନିଂସ ୩୯୦ ରନରେ ସୀମିତ ରହିଥିଲା। ଜଷ୍ଟିନ୍ ଗ୍ରୀଭ୍ସ ଏବଂ ଜାଡେନ୍ ସିଲ୍ସ ଶେଷ ୱିକେଟ ପାଇଁ ୭୯ ରନର ଭାଗୀଦାରି କରିଥିଲେ। ଗ୍ରୀଭ୍ସ ୮୫ ବଲରୁ ୫୦ ରନ୍ କରି ଅପରାଜିତ ରହିଥିଲେ। ସିଲ୍ସ ୬୭ ବଲରୁ ୩୨ ରନ୍ ଯୋଗଦାନ ଦେଇଥିଲେ। ୧୧୯ତମ ଓଭରର ପଞ୍ଚମ ବଲରେ ଯଶପ୍ରିତ ବୁମ୍ରା, ସିଲ୍ସଙ୍କୁ ଆଉଟ୍ କରି ୱେଷ୍ଟଇଣ୍ଡିଜ୍ ଇନିଂସ ଶେଷ କରିଥିଲେ। ଦ୍ୱିତୀୟ ଇନିଂସରେ ବୁମ୍ରା ଏବଂ କୁଲଦୀପ ଯାଦବ ତିନୋଟି ଲେଖାଏଁ ୱିକେଟ ନେଇଥିଲେ। ମହମ୍ମଦ ସିରାଜ ଦୁଇଟି, ୱାଶିଂଟନ୍ ସୁନ୍ଦର ଏବଂ ରବିନ୍ଦ୍ର ଜାଡ଼େଜା ଗୋଟିଏ ଲେଖାଏଁ ନେଇଥିଲେ।

# ମିଚେଲ ଷ୍ଟାର୍କଙ୍କୁ ରିଲିଜ କରିବ ଦିଲ୍ଲୀ କ୍ୟାପିଟାଲ୍ସ : ଲିଷ୍ଟରେ ୪ ବଡ଼ ଖେଳାଳି



**ମୁମ୍ବାଇ**

ଆଇପିଏଲ୍ ୨୦୨୬ର ନିଲାମୀ ଲାଗି ୧୩ରୁ ୧୫ଡିସେମ୍ବରର ତାରିଖ ଧାର୍ଯ୍ୟ କରାଯାଇଛି। ସୂଚନା ମୁତାବକ ୧୫ଡିସେମ୍ବରରେ ୧୯ତମ ସିଜନ ଲାଗି ମିନି ଅକ୍ସନର ଆୟୋଜନ ହେବ। ମାତ୍ର ଏବେ ନିଲାମୀ ଭେନ୍ୟୁର ଘୋଷଣା ହୋଇନାହିଁ। ଆଇପିଏଲର ସମସ୍ତ ୧୦ଟିମ୍‌କୁ ୧୫ ନଭେମ୍ବର ପୂର୍ବରୁ ନିଜ ରିଟେନ ଏବଂ ରିଲିଜ ଖେଳାଳୀଙ୍କ ଲିଷ୍ଟ୍ ଜାରି କରିବାକୁ ହେବ। ଏହା ମଧ୍ୟରେ ଖବର ଆସିଛି କି ଦିଲ୍ଲୀ କ୍ୟାପିଟାଲ୍ସ ମିଚେଲ ଷ୍ଟାର୍କଙ୍କ ସମେତ ୪ବଡ଼ ଖେଳାଳିଙ୍କୁ ରିଲିଜ କରିବାର ପ୍ରସ୍ତୁତିରେ ଅଛି।

ରିପୋର୍ଟରେ କୁହାଯାଇଛି କି ଦିଲ୍ଲୀ କ୍ୟାପିଟାଲ୍ସ ଷ୍ଟାର ଦ୍ରୁତ ବୋଲର ମିଚେଲ ଷ୍ଟାର୍କଙ୍କୁ ରିଲିଜ କରିବାକୁ ଯାଉଛି। ଦିଲ୍ଲୀ ଏହି ଅଷ୍ଟ୍ରେଲିଆର ଦ୍ରୁତ ବୋଲରଙ୍କୁ ୧୧.୭୫କୋଟି ଟଙ୍କାରେ କିଣିଥିଲା। ଷ୍ଟାର୍କ ଦିଲ୍ଲୀ ଲାଗି ଆଇପିଏଲ୍ ୨୦୨୫ରେ ଆଶା ମୁତାବକ ପ୍ରଦର୍ଶନ କରିପାରି ନ ଥିଲେ। ସେ ୧୧ ମ୍ୟାଚ୍‌ରେ କେବଳ ୧୪ୱିକେଟ ନେଇପାରିଥିଲେ।

ମିଚେଲ ଷ୍ଟାର୍କଙ୍କ ବ୍ୟତୀତ ଦିଲ୍ଲୀ କ୍ୟାପିଟାଲ୍ସ ଫାଫ ଡୁ ପ୍ଲେସିସ, ଜ୍ୟାକ୍ ଫ୍ରେଜର ମ୍ୟାକଗର୍କ ଏବଂ ଟି. ନଟରାଜନଙ୍କୁ ବି ରିଲିଜ କରିପାରେ। ଫାଫ ଡୁ ପ୍ଲେସିସଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ କେବଳ ଦୁଇ କୋଟି ଟଙ୍କାରେ କିଣିଥିଲା। ସେହିଭଳି ଟି. ନଟରାଜନ ୧୦.୭୫ କୋଟି ଟଙ୍କାରେ କିଣା ଯାଇଥିଲେ। ଅଷ୍ଟ୍ରେଲିଆର ବିସ୍ଫୋଟକ ଓପନର ଜ୍ୟାକ ଫ୍ରେଜର ମ୍ୟାକଗର୍କଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ ୯କୋଟି ଟଙ୍କାରେ ରିଟେନ କରିଥିଲା। ଏବେ ରିପୋର୍ଟରେ କୁହାଯାଇଛି କି ଦିଲ୍ଲୀ ଏହି ୪ବଡ଼ ଖେଳାଳିଙ୍କୁ ରିଲିଜ କରିବାରେ ଅଛି।

ସୂଚନା ମୁତାବକ ଚେନ୍ନାଇ ସୁପର କିଙ୍ଗ୍ସ ଆଇପିଏଲ୍ ୨୦୨୬ର ନିଲାମୀ ପୂର୍ବରୁ ୫ ଷ୍ଟାର ଖେଳାଳିଙ୍କୁ ରିଲିଜ କରିବ। ରିପୋର୍ଟରେ କୁହାଯାଇଛି କି ଏମଏସ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସ ୩ ଭାରତୀୟ ଖେଳାଳି ଏବଂ ଦୁଇ ବିଦେଶୀ ଖେଳାଳିଙ୍କୁ ରିଲିଜ କରିବାକୁ ଯାଉଛି। ଆଶ୍ଚର୍ଯ୍ୟର କଥା କି ଏହି ଲିଷ୍ଟରେ ବର୍ତ୍ତମାନ ସମୟର ଟି-୨୦ର ଧୂଆଁଧାର ଅଲରାଉଣ୍ଡର ସ୍ୟାମ୍ କର୍ରନ ବି ସାମିଲ ଅଛନ୍ତି। ଚେନ୍ନାଇର ରିଲିଜ ଖେଳାଳିଙ୍କ ଲିଷ୍ଟରେ ମିଡିଲ ଅର୍ଡ଼ର ବ୍ୟାଟର ଦୀପକ ହୁଡ୍ଡା, ଅଲରାଉଣ୍ଡର ବିଜୟ ଶଙ୍କର, ଟପ୍ ଅର୍ଡ଼ର ବ୍ୟାଟର ରାହୁଲ ତ୍ରିପାଠୀ, ଅଲରାଉଣ୍ଡର ସ୍ୟାମ କର୍ରନ ଏବଂ ଓପନର ଡେବୋନ କନ୍ୱେ ସାମିଲ ଅଛନ୍ତି।

# ବିହାର କ୍ରିକେଟ ଦଳର ଉପ-ଅଧିନାୟକ ହେଲେ ବୈଭବ ସୂର୍ଯ୍ୟବଂଶୀ



**ନୂଆଦିଲ୍ଲୀ**

ବୈଭବ ସୂର୍ଯ୍ୟବଂଶୀ ଆଇପିଏଲ ପରଠାରୁ ସବୁ ଜାଗାରେ ଛାଇ ହୋଇ ରହିଛନ୍ତି, ଇଂଲଣ୍ଡ ଏବଂ ପରେ ଅଷ୍ଟ୍ରେଲିଆରେ ତାଙ୍କ ବିସ୍ଫୋରକ ଖେଳରେ ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ଏବେ ସେ ରଣଜୀ ଟ୍ରଫିରେ ମଧ୍ୟ ଚମକ୍ ଦେବାକୁ ପ୍ରସ୍ତୁତ, କିନ୍ତୁ ଏଥର ତାଙ୍କୁ ଏହି ଘରୋଇ ଟୁର୍ଣ୍ଣାମେଣ୍ଟରେ ଏକ ବଡ଼ ଦାୟିତ୍ୱ ଦିଆଯାଇଛି। ତାଙ୍କୁ ୨୦୨୫-୨୦୨୬ ରଣଜୀ ଟ୍ରଫି ସିଜିନର ପ୍ରଥମ ଦୁଇଟି ରାଉଣ୍ଡ ପାଇଁ ବିହାର କ୍ରିକେଟ ଦଳର ଉପ-ଅଧିନାୟକ ନିଯୁକ୍ତ କରାଯାଇଛି। ବିହାର କ୍ରିକେଟ ଆସୋସିଏସନ ଏକ ବିଜ୍ଞପ୍ତି ଜାରି କରି ରଣଜୀ ଟ୍ରଫିର ପ୍ରଥମ ଦୁଇଟି ମ୍ୟାଚ୍ ପାଇଁ ଦଳର ଦଳ ଘୋଷଣା କରିଛି। ୧୫ ଜଣ ଖେଳାଳିଙ୍କ ତାଲିକାରେ ବୈଭବ ସୂର୍ଯ୍ୟବଂଶୀଙ୍କୁ ଉପ-ଅଧିନାୟକ ଭାବରେ ମନୋନୀତ କରାଯାଇଛି। ଟୁର୍ଣ୍ଣାମେଣ୍ଟରେ ଦଳର ମ୍ୟାଚ୍ ହେବାର ଦୁଇ ଦିନ ପୂର୍ବରୁ ଏହି ନିଯୁକ୍ତି ଆସିଛି, କାରଣ ବିହାର କ୍ରିକେଟ ଆସୋସିଏସନ (ବିସିଏ) ବିସିସିଆଇର ନିର୍ଦ୍ଦେଶ ପରେ ଦୁଇ ସଦସ୍ୟ ବିଶିଷ୍ଟ ପ୍ୟାନେଲରେ ଯୋଗଦେବା ପାଇଁ ଆଡ-ହକ୍ ଆଧାରରେ ଜଣେ ଚୟନକର୍ତ୍ତା ନିଯୁକ୍ତ କରିବାରେ ବିଳମ୍ବ କରିଥିଲା। ଶାକିବୁଲ ଗନିଙ୍କୁ ବିହାର କ୍ରିକେଟ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଦଳ ୧୫ ଅକ୍ଟୋବର ବୁଧବାର ରଣଜୀ ଟ୍ରଫିରେ ଏହାର ପ୍ରଥମ ମ୍ୟାଚ୍ ଖେଳିବ। ଏହି ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍‌ରେ ବିହାର ଏବଂ ଅରୁଣାଚଳ ପ୍ରଦେଶ ମଧ୍ୟରେ ମୋଇନ-ଉଲ୍-ହକ୍ ଷ୍ଟାଡିୟମରେ ମୁକାବିଲା ହେବ।

# ହଂକଂଠୁ କ୍ୱାର୍ଟରରେ ହାରିଲା ଭାରତ ମଉଳିଲା ପୁରୁଷଙ୍କ ପଦକ ଆଶା

**ଭୁବନେଶ୍ୱର**

ଚଳିତ ଏସୀୟ ଟେବୁଲ୍ ଟେନିସ୍ (ଟିଟି) ଦଳଗତ ପ୍ରତିଯୋଗିତାରେ ଗତ ସଂସ୍କରଣର କାଂସ୍ୟ ବିଜେତା ତଥା ବିଶ୍ୱର ୪ ନମ୍ବର ଭାରତୀୟ ପୁରୁଷ ଦଳର ପଦକ ଆଶା ମଉଳି ଯାଇଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ଦୌଡ଼କୁଦ କେନ୍ଦ୍ରଠାରେ ଚାଲିଥିବା ଏହି ପ୍ରତିଯୋଗିତାର କ୍ୱାର୍ଟରଫାଇନାଲ୍‌ରେ ଭାରତ ନିଜଠୁ କମ୍ ମାନ୍ୟାପ୍ରାପ୍ତ ହଂକଂ (ଷଷ୍ଠ)ଠୁ ହାରିଯାଇଛି। ସିଧାସଳଖ କ୍ୱାର୍ଟରଫାଇନାଲ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିବା ଭାରତୀୟ ଦଳ ୦-୩ରେ ଏହି ମ୍ୟାଚ୍ ହାତଛଡ଼ା କରିଛି। ପ୍ରଥମ ମ୍ୟାଚ୍‌ରେ ମନୁଷ ଶାହ ୫-୧୧, ୯-୧୧, ୧୧-୧୩ (୦-୩)ରେ ୱଙ୍ଗ ଚୁନ୍ ଟିଙ୍ଗଙ୍କଠୁ ହାରିଯିବାରୁ ଭାରତ ଆରମ୍ଭରୁ ପଛରେ ପଡ଼ିଥିଲା। ତେବେ ଭାରତର ଏକ ନମ୍ବର ଖେଳାଳି ମାନବ ଠକ୍କରଙ୍କ ଉପରେ ସମସ୍ତଙ୍କ ନଜର ରହିଥିଲା। ଚାନ୍ ବାଲ୍ଡ୍ୱିନ୍‌ଙ୍କ ବିପକ୍ଷ ମ୍ୟାଚ୍ ?ରେ ମାନବ ପ୍ରଥମ ଦୁଇ ଗେମ୍ ୮-୧୧, ୮-୧୧ରେ ପଛରେ ପଡ଼ି ଯାଇଥିଲେ। ହେଲେ ପରବର୍ତ୍ତୀ ଦୁଇ ଗେମ୍ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ୧୨-୧୦, ୧୧-୯ରେ ଜିତି ନେଇଥିଲେ। ତେବେ ଶେଷ ଗେମ୍ ୮-୧୧ରେ ହାରିଯିବାରୁ ଭାରତ ୦-୨ରେ ପଛରେ ରହିଥିଲା। ତୃତୀୟ ମ୍ୟାଚ୍‌ରେ ଲାମ୍ ସିଉ ହାଙ୍ଗଙ୍କ ବିପକ୍ଷରେ ଅଙ୍କୁର ଭଟ୍ଟାଚାର୍ଯ୍ୟ କଡ଼ା ସଂଘର୍ଷ କରିଥିଲେ ମଧ୍ୟ ୧୧-୭, ୯-୧୧, ୧୪-୧୨, ୬-୧୧, ୭-୧୧ରେ ହାରି ଯିବାରୁ ଭାରତର ପଦକ ଆଶା ମଉଳି ଯାଇଥିଲା। କ୍ୱାର୍ଟରରେ ହାରିବା ପରେ ଭାରତ ଏବେ ପଞ୍ଚମରୁ ଅଷ୍ଟମସ୍ଥାନ ଲାଗି ଖେଳିବ। ଅନ୍ୟଏକ କ୍ୱାର୍ଟରଫାଇନାଲ୍‌ରେ ଜାପାନ ୩-୧ରେ ଜାପାନକୁ ହରାଇ ସେମିଫାଇନାଲ୍‌ରେ ପହଞ୍ଚିଛି।

# ମହିଳା ବିଶ୍ୱକପ : ଲଗାତାର ଝଟ୍‌କା ପରେ କିପରି ସେମିଫାଇନାଲରେ ପହଞ୍ଚିବ ଭାରତ

**ନୂଆଦିଲ୍ଲୀ**

ମହିଳା ଦିନିକିଆ ବିଶ୍ୱକପରେ ଭାରତକୁ ଲଗାତାର ଝଟ୍‌କା ଲାଗିଛି। ପ୍ରଥମ ଦୁଇ ମ୍ୟାଚ୍ ଜିତିବା ପରେ ବ୍ୟାକ୍ ଟୁ ବ୍ୟାକ୍ ଦୁଇ ମ୍ୟାଚ୍ ହାରିଛି ଟିମ୍ ହରମନପ୍ରୀତ। ରବିବାର ବିଶ୍ୱକପରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲା ଭାରତ। ମ୍ୟାଚରେ ଆନାବେଲ ସୁଦରଲାଣ୍ଡଙ୍କ ଘାତକ ବୋଲିଂ ସାଙ୍ଗକୁ ଅଧିନାୟିକା ଆଲିସା ହିଲିଙ୍କ ଦ୍ରୁତ ଶତକ ବଳରେ କଙ୍ଗାରୁ ଦଳ ଭାରତକୁ ୩ ୱିକେଟରେ ହରାଇଛି। ସ୍ମୃତି ମାନ୍ଧାନାଙ୍କ ୮୦ ରନ୍ ବୃଥା ଯାଇଛି। ଅଷ୍ଟ୍ରେଲିଆଠୁ ହାରିବା ପରେ ଭାରତର କ'ଣ ହେବ? ସେମିଫାଇନାଲରେ କିପରି ପହଞ୍ଚିବ?

ସେମିଫାଇନାଲ ସମୀକରଣ : ଭାରତ ଶ୍ରୀଲଙ୍କା ଓ ପାକିସ୍ତାନ ବିପକ୍ଷରେ ଦମ୍‌ଦାର ବିଜୟ ହାସଲ କରିଥିଲା। ଏହାପରେ ଲାଗାତାର ଦୁଇଟି ମ୍ୟାଚ ହାରିଛି ହର୍ମନପ୍ରୀତ ବ୍ରିଗେଡ। ଏହା ପୂର୍ବ ମ୍ୟାଚ ଦକ୍ଷିଣ ଆଫ୍ରିକାଠୁ ହାରିଥିଲା। ଏବେ ଦଳର ସେମିଫାଇନାଲରେ ପହଞ୍ଚିବା କଷ୍ଟକର ହେବା ଆକଳନ କରାଯାଉଛି। ଭାରତକୁ ଆହୁରି ୩ଟି ମ୍ୟାଚ୍ ଖେଳିବାର ଅଛି ଯାହା ବେଶ୍ ଗୁରୁତ୍ୱପୂର୍ଣ୍ଣ। ୪ ପଏଣ୍ଟ ସହ ଭାରତ ଟେବୁଲର ଚତୁର୍ଥ ସ୍ଥାନରେ ରହିଛି। ୭ ପଏଣ୍ଟ ସହ ଅଷ୍ଟ୍ରେଲିଆ ଶୀର୍ଷ ସ୍ଥାନରେ ରହିଛି। ଇଂଲଣ୍ଡ ୬ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ସାଉଥ ଆଫ୍ରିକା ୪ ଓ ନ୍ୟୁଜିଲାଣ୍ଡ ୨ ପଏଣ୍ଟ ସହ ପଞ୍ଚମ ସ୍ଥାନରେ ରହିଛନ୍ତି। ଭାରତ ଆଉ ୩ଟି ମ୍ୟାଚ ଖେଳିବ।



ଅକ୍ଟୋବର ୧୯ରେ ଇଂଲଣ୍ଡ, ୨୩ରେ ନ୍ୟୁଜିଲାଣ୍ଡ ଓ ୨୬ରେ ବାଂଲାଦେଶ ବିପକ୍ଷରେ ମୈଦାନକୁ ଓହ୍ଲାଇବ। ୩ଟି ମ୍ୟାଚକୁ ବଡ଼ ସ୍କୋର ବ୍ୟବଧାନରେ ଜିତିବାକୁ ହେବ। ଯଦି ବଳକା ୩ ମ୍ୟାଚ ଭାରତ ଜିତୁଛି ତେବେ ୧୦ ପଏଣ୍ଟ ହାସଲ କରିବ। ତେବେ ଯାଇ ସେମିଫାଇନାଲରେ ପ୍ରବେଶ କରିବା ସହଜ ହେବ।

ଯଦି ଭାରତ ଇଂଲଣ୍ଡ ଏବଂ ନ୍ୟୁଜିଲାଣ୍ଡକୁ ପରାସ୍ତ କରେ, ତେବେ ସେମିଫାଇନାଲରେ ସ୍ଥାନ ପକ୍କା କରିବାର ସମସ୍ତ ସମ୍ଭାବନା ରହିଛି। ଯଦି ଭାରତ ଇଂଲଣ୍ଡଠାରୁ ହାରିଯାଏ, ତଥାପି ନକଆଉଟ୍‌ରେ ନ୍ୟୁଜିଲାଣ୍ଡ ଏବଂ ବାଂଲାଦେଶ ଉଭୟକୁ ପରାସ୍ତ କରିବାକୁ ପଡ଼ିବ। ଯେହେତୁ ପ୍ରତ୍ୟେକ ଦଳ ଗ୍ରୁପ୍ ପର୍ଯ୍ୟାୟରେ ୭ଟି ମ୍ୟାଚ୍ ଖେଳିବେ, ତେଣୁ ସେମିଫାଇନାଲ ସ୍ଥାନ ପାଇଁ ୮ ପଏଣ୍ଟର କଟ-ଅଫ୍ ବିଚାର କରାଯିବ। ଯଦି ଭାରତ ନ୍ୟୁଜିଲାଣ୍ଡଠାରୁ ହାରିଯାଏ ଏବଂ ଇଂଲଣ୍ଡ ଏବଂ ବାଂଲାଦେଶ ବିପକ୍ଷରେ ବିଜୟୀ ହୁଏ, ତେବେ ନ୍ୟୁଜିଲାଣ୍ଡ ପାକିସ୍ତାନ, ଇଂଲଣ୍ଡ କିମ୍ବା ଶ୍ରୀଲଙ୍କା ମଧ୍ୟରୁ ଗୋଟିଏକୁ ହରାଇବା ଆଶା କରାଯିବ। ଯଦି ଭାରତ ଏହାର ବାକି ଥିବା ମ୍ୟାଚ୍‌ରୁ ଗୋଟିଏ ହାରିଯାଏ, ତେବେ ସେମିଫାଇନାଲ ସମ୍ଭାବନା କଷ୍ଟକର ହୋଇଯିବ। ଅନ୍ୟ ଦଳର ଫଳାଫଳ ଉପରେ ମଧ୍ୟ ନିର୍ଭର କରିବାକୁ ପଡ଼ିବ।

ଭାରତ ଏହାର ପରବର୍ତ୍ତୀ ତିନୋଟି ମ୍ୟାଚ୍ ମଧ୍ୟରୁ ଗୋଟିଏ ଜିତିଯାଏ, ତେବେ ଯୋଗ୍ୟତା ହାସଲ କରିବାର ସମ୍ଭାବନା ବିପଦରେ ପଡ଼ିପାରେ। ଏପରି ପରିସ୍ଥିତିରେ, ହରମନପ୍ରୀତ କୌରଙ୍କ ଟିମ୍ ବାଦ୍ ପଡ଼ିବାର ସମ୍ଭାବନା ଅଛି। ଯଦି ନ୍ୟୁଜିଲାଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ବିଜୟଧାରା ବଜାୟ ରଖନ୍ତି, ତେବେ ଭାରତକୁ ପଛରେ ପକାଇଦେବେ।

## ବ୍ଲକ ସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

# ବିଭିନ୍ନ ପ୍ରକାରର ୧୮୭ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବିନିକା ପଞ୍ଚାୟତ ସମିତି ଅନ୍ତର୍ଗତ ଶଙ୍କରା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ, ସୁବର୍ଣ୍ଣପୁର, ରାଜେନ୍ଦ୍ର ମାଝୀ ଓ ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୧୮୭ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୧୬୭ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୨୦ ଗୋଟି ସାମୁହିକ ଦରଖାସ୍ତ କରାଯାଇ ଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡ଼ିଓ, ବିନିକା, ମଣ୍ଟୁ ଖମାରୀ ଓ ସରପଞ୍ଚ, ଶଙ୍କରା ଗ୍ରାମ ପଞ୍ଚାୟତ, ଅଶୋକ କୁମାର ପୃଷ୍ଟିଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଭାରପ୍ରାପ୍ତ ଉପଜିଲ୍ଲାପାଳ ତଥା ଡେପୁଟି କଲେକ୍ଟର ସତ୍ୟ ସୁନ୍ଦର ରାଉତଙ୍କ ସମେତ ତହସିଲଦାର, ବିନିକା, ସୁଶ୍ରୀ ରସନା ଭୋଇ ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ ବୃନ୍ଦଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଅର୍ଜୁନ ମାଝୀଙ୍କ ସହିତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗଦାନ କରିଥିଲେ।



## ୭୨ ବର୍ଷୀୟ ସାଇକଲ ଆରୋହୀଙ୍କୁ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଫିଟ୍ ଇଣ୍ଡିଆ ବାର୍ତ୍ତା ନେଇ ୩ଟି ରାଜ୍ୟ ପରିଭ୍ରମଣ କରି ସୋନପୁରରେ ପହଞ୍ଚିଥିବା ପୁରୀ ଜିଲ୍ଲା ବାସିନ୍ଦା ୭୨ ବର୍ଷୀୟ ସାଇକେଲ ଆରୋହୀ ରଘୁନାଥ ସାହୁଙ୍କୁ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳ ଡ. ନୃପ ରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକଙ୍କ ଦ୍ୱାରା ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇ ଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ଓଡ଼ିଶା ସାମ୍ବାଦିକ ସଂଘ, ସୁବର୍ଣ୍ଣପୁର ଶାଖା, ଜିଲ୍ଲା କ୍ରୀଡ଼ା ସଂଘ ଘରୋଇ ବସ୍ ମାଲିକ ସଂଘ, କୋଶଳ ଆବାସିକ ଉଚ୍ଚ ବିଦ୍ୟାଳୟ, ସ୍ୱଚ୍ଛ ଭାରତ ସଙ୍ଗଠନ, ଭାରତ ବିକାଶ ସଙ୍ଗଠନ, ବରିଷ୍ଠ ନାଗରିକମାନଙ୍କ ଦ୍ୱାରା ସୋନପୁର ବ୍ଲକ ସମ୍ମିଳନୀ କକ୍ଷଠାରେ ସାଇକଲ ଚାଳକ ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରଘୁନାଥ ସାହୁ ୭୨ ବର୍ଷ ବୟସରେ ମଧ୍ୟ ଶରୀର ସୁସ୍ଥ ରହିବା ପାଇଁ ଦୈନିକ ୫୦ରୁ ଅଧିକ କିଲୋମିଟର ରାସ୍ତା ସାଇକେଲ ଚଳାଇ ଓଡ଼ିଶା ଓ ଓଡ଼ିଶା ବାହାରେ ତିନୋଟି ରାଜ୍ୟ ଭ୍ରମଣ କରି ସୁସ୍ଥ ରହିବା ଓ ଫିଟ୍ ଇଣ୍ଡିଆର ବାର୍ତ୍ତା ପହଞ୍ଚାଇଛନ୍ତି। ସଭାରେ ଉପସ୍ଥିତ ଜିଲ୍ଲାର ସମସ୍ତ ଅଫିସର, କର୍ମଚାରୀ, ବୁଦ୍ଧିଜୀବୀ ଓ ସାମ୍ବାଦିକଙ୍କୁ ପ୍ରେରଣା ଯୋଗାଇଥିଲେ। ଜିଲ୍ଲାପାଳ ସଭାରେ ପ୍ରଥମେ ଶ୍ରୀ ସାହୁଙ୍କ ପରିଚୟ ପ୍ରଦାନ କରି ଏ ସାଇକଲ ଯାତ୍ରା ଓ ସାହସକୁ ଭୂୟସୀ ପ୍ରଶଂସା କରି ୭୨ ବର୍ଷ ବୟସ ହୋଇପାରେ କିନ୍ତୁ ୨୭ ବର୍ଷୀୟ ଜଣେ ଯୁବକ ଭଳି ଫିଟ୍ ରହି ସମାଜରେ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି କହିଥିଲେ।



## ପିଆରଏମ ଡାକ୍ତରଖାନାକୁ ୫ଟି ଷ୍ଟ୍ରେଚର ଦାନ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ବାରିପଦାର ଦୁଇ ପ୍ରମୁଖ ଅନୁଷ୍ଠାନ ବାସ୍ତବ ପରିବାର ଓ ଆର.କେ. ଫାଉଣ୍ଡେସନ ବିଭିନ୍ନ ସମୟରେ ଜନହିତକର କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି ଓ ପିଆରଏମ ଡାକ୍ତରଖାନାରେ ଦିନକୁ ଦିନ ରୋଗୀ ସଂଖ୍ୟା ବଢୁଥିବାରୁ ଷ୍ଟ୍ରେଚରର ଆବଶ୍ୟକତାକୁ ଉପଲବ୍ଧି କରି ଉଭୟ ଅନୁଷ୍ଠାନ ମିଳିତ ଭାବେ ରୋଗୀମାନଙ୍କୁ ସୁବିଧାରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବାପାଇଁ ୫ଟି ଷ୍ଟ୍ରେଚର ଦାନ କରିଛନ୍ତି। ବାସ୍ତବ ପରିବାରର ବରିଷ୍ଠ ସଦସ୍ୟ ନନ୍ଦଲାଲ ମିଶ୍ରଙ୍କ ଜ୍ୟେଷ୍ଠ ପୁତ୍ର ସ୍ୱର୍ଗତ ସୁନନ୍ଦନ ମିଶ୍ରଙ୍କ ସ୍ମୃତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି ଏଭଳି ଜନହିତକର କାର୍ଯ୍ୟକ୍ରମ ପାଇଁ ଉଭୟ ଅନୁଷ୍ଠାନକୁ ସାଧୁବାଦ ଜଣାଇଥିଲେ। ସମ୍ମାନିତ ଅତିଥି ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡଃ କିଶୋର କୁମାର ଆଚାର୍ଯ୍ୟ, ଡିପିଏମ ଅନୀଲ କୁମାର ମହାନ୍ତି, ଡାକ୍ତରଖାନା ପରିଚାଳକ ଡଃ ଶ୍ରୀରାମ ମହାନ୍ତି ତଥା ଡଃ ଶତରୁପା ମିଶ୍ର, ସମାଜସେବୀ କାଶୀନାଥ ରଣା ଓ ସମ୍ବିତ ପତିଙ୍କ ଉପସ୍ଥିତିରେ ଉଭୟ ଅନୁଷ୍ଠାନର କର୍ମକର୍ତ୍ତା ଷ୍ଟ୍ରେଚରଗୁଡିକୁ ଡାକ୍ତରଖାନାକୁ ପ୍ରଦାନ



କରିଥିଲେ। ବାସ୍ତବ ପରିବାରର ସାଧାରଣ ସମ୍ପାଦକ ପ୍ରଦୀପ କିଶୋର ମହାନ୍ତି, ନନ୍ଦଲାଲ ମିଶ୍ର, ଚିନ୍ମୟ ଦାସ ପଟ୍ଟନାୟକ, ଜଗନ୍ନାଥ ମୁର୍ମୁ, ସୁକୁମାର ଆଢ୍ୟ, ତପନ ପଟ୍ଟନାୟକ, ଅନୀଲ ପଣ୍ଡା, କାମିନୀକାନ୍ତ ମାଲାକାର, ବିନୋଦ କୁମାର ସାହୁ, ଶାନ୍ତନୁ ପାଢ଼ୀ, ସର୍ବତୋଷ ଦାଶ, ଜୟନ୍ତ ସେନାପତି, ଚକ୍ରଧର ମହାପାତ୍ର, ଅରୁଣ କୁମାର ପାତ୍ର, ଗଣେଶ ମହାପାତ୍ର, ସୁଧାଂଶୁ ଦାସ ଏବଂ ଆରକେ ଫାଉଣ୍ଡେସନର ପ୍ରତିଷ୍ଠାତା ଅମର କୁମାର ସେଠୀ, ସଦସ୍ୟ ସୋମନାଥ ସିଂହ, ଦୀପକ କୁମାର ମିଶ୍ର, ତରୁଣ ନାୟକ, ନୃସିଂହ ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ତଲାବିରା ଖଣି ପାଇଁ ଏନ୍‌ଏଲସି ଇଣ୍ଡିଆର ତ୍ରିପକ୍ଷୀୟ ସୁରକ୍ଷା ସଭା

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ଏନଏଲସି ଇଣ୍ଡିଆ ଲିମିଟେଡ୍‌ର ତଲାବିରା ଦୁଇ ଓ ତିନିଖଣି ତରଫରୁ ତା'ର ତ୍ରିପକ୍ଷୀୟ ସୁରକ୍ଷା ସମିତି ସଭା ଗୁରୁତ୍ୱପୂର୍ଣ୍ଣ ଭାବେ ଆୟୋଜିତ ହେଲା। ଏହି ସଭାରେ ଖଣି ସୁରକ୍ଷା ଓ କାର୍ଯ୍ୟକୁଶଳତା ନେଇ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ସଭାରେ ଡଃ ଏସ.ଏସ. ପ୍ରସାଦ, ଉପ ମହାନିର୍ଦ୍ଦେଶକ ଦକ୍ଷିଣ ପୂର୍ବ ମଣ୍ଡଳ, ରାଞ୍ଚି ନସିନା ବାଲସୁବ୍ରହ୍ମଣ୍ୟମ୍, ଡି.ଏମ୍.ଏସ୍ (ଭୁବନେଶ୍ୱର ଅଞ୍ଚଳ-୨) ଶଙ୍କର୍ଷଣ ବେହେରା, ଡି.ଏମ୍.ଏସ୍ (ମେକାନିକାଲ), ରାଞ୍ଚି ମହେଶ୍ୱର ରେଡ୍ଡି କନ୍ନାଲା, ଡ.ଏମ୍.ଏସ୍ (ଇଲେକ୍ଟ୍ରିକାଲ), ରାଞ୍ଚି ଡ. ଶିବଶଙ୍କର, ଡି.ଡି.ଏମ୍.ଏସ୍ (ଭୁବନେଶ୍ୱର ଅଞ୍ଚଳ-୨) ଓ ରବିନ୍ଦ୍ର ବୋନ୍ଥା, ଡି.ଡି.ଏମ୍.ଏସ୍ (ମେକାନିକାଲ), ରାଞ୍ଚି ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟ ମଧ୍ୟ ଉପସ୍ଥିତ ଥିଲେ। ସଭାରେ ଅଧିକାରିକ ଭାବେ ଡଃ ସୁରେଶ ଚନ୍ଦ୍ର ସୁମନ, ନିର୍ଦ୍ଦେଶକ (ମାଇନ୍ସ ଓପିପି)



ଏନଏଲସି ଚେରୁକୁ ଦୟାନନ୍ଦ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ପ୍ରକଳ୍ପ ମୁଖ୍ୟ, ତଲାବିରା ଦୁଇ ଓ ତିନି ଓସିପି ନୌଲ କିଶୋର ଶର୍ମା, କ୍ଲଷ୍ଟର ମୁଖ୍ୟ, ସହିତ ଓ ପ୍ରତିନିଧି ମାନେ ଓ କାର୍ଯ୍ୟକର୍ତ୍ତା ପ୍ରତିନିଧିମାନେ ଉପସ୍ଥିତ ହୋଇଥିଲେ। ସଭାରେ ଖଣି ସୁରକ୍ଷା ପ୍ରଦର୍ଶନ, ଦୁର୍ଘଟଣା ତଥ୍ୟ, ବ୍ୟବସ୍ଥାପନ ପ୍ରଣାଳୀ ଓ ବିଧିଗତ ପାଳନ ସମୀକ୍ଷା କରାଗଲା। ସମସ୍ତ ଅଧିକାରୀ ଓ ପ୍ରତିନିଧିମାନେ ସୁରକ୍ଷା ପ୍ରଶିକ୍ଷଣ, ନବୀନ ପ୍ରଯୁକ୍ତି ଦ୍ୱାରା ଜଟିଳ ଜୋଖି ନିରୀକ୍ଷଣ, ନିୟମିତ ମକ୍ ଡ୍ରିଲ୍ ଏବଂ ସୁରକ୍ଷା ସଂସ୍କୃତିକୁ ଆରୋହିତ କରିବା ପାଇଁ ଗୁରୁତ୍ୱ ଦେଲେ। ସଭାର ଅଧ୍ୟକ୍ଷ ତାଙ୍କ ଉଦ୍‌ବୋଧନରେ ସମସ୍ତ ପକ୍ଷର ସକ୍ରିୟ ଅଂଶଗ୍ରହଣ ଓ ସମ୍ପୃକ୍ତ ଦାୟିତ୍ୱକୁ ଆଖି ଆଗରେ ରଖି 'ଶୂନ୍ୟ ହାନି' ସଂସ୍କୃତି ଗଠନର ଆବଶ୍ୟକତା ଉଲ୍ଲେଖ କଲେ। ସମସ୍ତ ଅଧିକାରୀ ମାନେ ଏନ୍‌ଏଲ୍‌ସି ତଲାବିରା ଦୁଇ ଓ ତିନି ଓସିପିର ପ୍ରୟାସକୁ ସ୍ୱାଗତ କରି ସୁରକ୍ଷା ନିୟମ ଦୃଢ଼ ଭାବେ ପାଳନ କରିବା ପାଇଁ ଅନୁରୋଧ କଲେ। ନିର୍ଦ୍ଦେଶକ (ମାଇନ୍ସ ଓପିପି) ତାଙ୍କ ଅଭିଭାଷଣରେ କମ୍ପାନୀଙ୍କ ସୁରକ୍ଷା ଓ କର୍ମଚାରୀ ମଙ୍ଗଳ ପ୍ରତି ସମର୍ପଣକୁ ପୁନଃ ନିଶ୍ଚିତ କରିଲେ ଓ ସୁରକ୍ଷିତ ଖଣି କାର୍ଯ୍ୟପ୍ରଣାଳୀ ପାଇଁ ନିରନ୍ତର ସୁଧାର ଉପରେ ଜୋର ଦେଲେ। ସଭାର ଶେଷରେ ଏନ୍‌ଏଲ୍‌ସି ପରିଚାଳନା ଓ ପ୍ରତିନିଧିମାନେ, କାର୍ଯ୍ୟକର୍ତ୍ତା ପ୍ରତିନିଧି ଓ ନିୟନ୍ତ୍ରକ ସଂସ୍ଥା ମିଳିତ ଭାବେ ଏହି ପ୍ରତିଶ୍ରୁତି ନେଲେ ଯେ 'ସୁରକ୍ଷା ପ୍ରଥମ, ସୁରକ୍ଷା ସଦା' ଏହି ମନ୍ତ୍ରକୁ ପ୍ରତ୍ୟେକ ଖଣି କାର୍ଯ୍ୟରେ ଅନୁସରଣ କରାଯିବ ବୋଲି ଦୃଢ଼ତା ସହ ମତବ୍ୟକ୍ତ କରିଥିଲେ।

Email: rd bgh@yahoo.co.in
Gmail: rwd.bgh@gmail.com

**OFFICE OF THE EXECUTIVE ENGINEER**
**RURAL WORKS DIVISION, BARGARH**

O-852

e-Procurement Notice No. ONLINE-BGH-10 OF 2025-26

| | | | |
|---|---|---|---|
| 1. | Name of the Work | : | Building work during 2025-26 in the district of Bargarh. |
| 2. | EMD | : | @ 1% of the estimated cost put to tender |
| 3. | Other details | : | As per DTCN : |

| Procurement Officer | Bid Identification No | Availability of Tender online for bidding | | Last Date & Time of Seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Bargarh | ONLINE-BGH-10 OF 2025-26 | 15.10.2025 at 11.00 A.M. | 28.10.2025 upto 5.00 P.M. | 28.10.2025 upto 4.00 PM | 29.10.2025 at 11.00 A.M. |

Further details can be seen from the website www.tendersorissa.gov.in.

Sd/- Executive Engineer
R.W. Division, Bargarh

OIPR-25062/11/0036/2526

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୪ ଅକ୍ଟୋବର ୨୦୨୫ ମଙ୍ଗଳବାର





## ମହତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକ ପାଇଁ ଜଙ୍ଗଲ ଭୂମି ବିଭାଜନ ପ୍ରଗତିର ସମୀକ୍ଷା

# ଅଧିକାରୀମାନଙ୍କୁ ତ୍ୱରିତ ଅନୁମୋଦନ ଓ ନିର୍ଦ୍ଧାରିତ ସମୟସୀମା ଅନୁସରଣ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ, ଭାରତୀୟ ରେଳବାଇ, ଓପିଟିସିଏଲ , ଜିଏସଆଇ ଓ ରିଲାୟନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ମୁଖ୍ୟ ଅବସ୍ଥାପନା ପ୍ରକଳ୍ପଗୁଡ଼ିକ ପାଇଁ ଜଙ୍ଗଲ ଭୂମି ବିଭାଜନ ଅନୁମୋଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଓ ଜଙ୍ଗଲ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକ ନିରାକରଣ ପାଇଁ ଏକ ସମନ୍ୱୟ ବୈଠକ ସୋମବାର ଗୃହ ବିଭାଗର ସମ୍ମିଳନୀ କକ୍ଷରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ମୁଖ୍ୟ ଶାସନ ସଚିବ ପୂର୍ବବର୍ତୀ ସେପେଟମ୍ବର ମାସରେ ହୋଇଥିବା ବୈଠକରେ ଆଲୋଚିତ ପ୍ରକଳ୍ପଗୁଡ଼ିକର ପ୍ରଗତି ଓ ସମୀକ୍ଷା କରି ଆଜିର ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପିଏମଜି /ପ୍ରଗତି ପୋର୍ଟାଲରେ ଥିବା ମୁଖ୍ୟ ପ୍ରକଳ୍ପଗୁଡ଼ିକର ସ୍ଥିତି ସମୀକ୍ଷା କରିଛନ୍ତି। ଏଗୁଡିକ ମଧ୍ୟରେ କ୍ୟାପିଟାଲ ରିଜିଅନ୍ ରିଙ୍ଗ ରୋଡ୍ ପ୍ରକଳ୍ପ, ଦକ୍ଷିଣ ପୂର୍ବ ରେଳବାଇର ଗୋରୁ-ମହିସାଣୀ ନୂତନ ରେଳ ଲାଇନ୍, ରିଲାୟନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ୪ ଜି ଭିତିକ ମୋବାଇଲ ସେବା ପ୍ରକଳ୍ପ, ଜିଓଲଜିକାଲ ସର୍ଭେ ଅଫ୍ ଇଣ୍ଡିଆ ର ଖନନ ଅନୁସନ୍ଧାନ ପ୍ରସ୍ତାବ, ସେଲ୍‌ର କାଲ୍‌ଟା ଆଇରନ ଓର ଖଣି, ଓପିଟିସିଏଲର ଟ୍ରାନ୍ସମିସନ ଲାଇନ୍ ପ୍ରକଳ୍ପ, କଲ୍ୟାଣୀ ଷ୍ଟିଲ୍‌ର ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରସ୍ତାବ ଆଦି ଅନ୍ତର୍ଭୁକ୍ତ । ମହତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର ଜଙ୍ଗଲ ଭୂମି ବିଭାଜନ ଅନୁମୋଦନ ପ୍ରକ୍ରିୟାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ତ୍ୱରାନ୍ୱିତ କରିବାକୁ ଓ ସମସ୍ତ ମାମଲା ସକ୍ରିୟ ଭାବେ ସମାଧାନ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସାହୁ ସମସ୍ତ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ଡିଭିଜନ ବନାଞ୍ଚଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ପର୍ଯ୍ୟାୟରେ ନିୟମିତ ନୀରୀକ୍ଷଣ ଓ ସହଯୋଗ କରି ଅନାବଶ୍ୟକ ବିଳମ୍ବ ରୋକିବା ପାଇଁ ନୋଡାଲ୍ ଅଫିସରମାନଙ୍କୁ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଥିଲେ। ୟୁଜର ଏଜେନସି ବା ଉପଭୋକ୍ତା ସଂସ୍ଥାମାନେ ମଧ ସେମାନଙ୍କର ସମସ୍ତ ଆବଶ୍ୟକ ଡକ୍ୟୁମେଂଟ, ମ୍ୟାପ ଓ ତତ୍‌ସମ୍ବନ୍ଧୀୟ ନଥି ଡିଏଫଓଙ୍କୁ ତ୍ୱରିତ ଦାଖଲ କରିବେ ଯାହା ଦ୍ୱାରା ପ୍ରକ୍ରିୟା ସମୟ କମିବ । ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆହୁରି କହିଥିଲେ ଯେ ଜଙ୍ଗଲ ଭୂମି ବିଭାଜନ ପ୍ରସ୍ତାବଗୁଡ଼ିକ ନିର୍ଦ୍ଧାରିତ ସମୟସୀମା ଭିତରେ ପ୍ରକ୍ରିୟା କରାଯିବା ଦରକାର । ସମସ୍ତ ସମ୍ବନ୍ଧିତ ବିଭାଗ ଓ ସଂସ୍ଥାମାନଙ୍କ ସମନ୍ୱୟରେ କାମ କରି ସମୟୋପଯୋଗୀ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

ଏହି ବୈଠକରେ ଅତିରିକ୍ତ ପିସିସିଏଫ୍(ନୋଡାଲ୍) କେ. ମୁରୁଗେସନ୍, ସିସିଏଫ୍ (ନୋଡାଲ୍) ଏ.କେ. କର, ସ୍ୱତନ୍ତ୍ର କର୍ତବ୍ୟରତ ଅଧିକାରୀ ଓ ସ୍ୱତନ୍ତ୍ର ସଚିବ ଲିଙ୍ଗରାଜ ଓତା, ଓପିଟିସିଏଲ ର ସିଏମଡି ଭାସ୍କର ଜ୍ୟୋତି ଶର୍ମା, ରେଳବାଇର ମୁଖ୍ୟ ଯନ୍ତ୍ରୀ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଓ ବିଭାଗୀୟ ବନ ଅଧିକାରୀ, ୟୁଜର ଏଜେନ୍ସିର ଅଧିକାରୀମାନେ ଭର୍ଚୁଆଲ୍ ମାଧମରେ ଯୋଗଦେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପୁରୀକୁ ବିଶ୍ୱସ୍ତରୀୟ ଧାର୍ମିକ...

ଧରି ହବିଷ ପାଳନ କରି ଆସୁଛନ୍ତି ଓ ଏହି ପାରମ୍ପରିକତା ଓଡ଼ିଶାର ନୈତିକ ଶକ୍ତିକୁ ପ୍ରତିଫଳିତ କରେ।

ନିଜ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ ଆଗାମୀ ବର୍ଷରୁ ହବିଷିଆଳି ମା'ମାନଙ୍କ ପାଇଁ ସମର୍ପିତ ଡିଜିଟାଲ ପଞ୍ଜିକରଣ ବ୍ୟବସ୍ଥା ଆରମ୍ଭ ହେବ, ଯେଉଁଥିରେ ଚିକିତ୍ସା ଓ ଜରୁରୀ ସେବା ଉପଲବ୍ଧ ରହିବ।

ଏହି ଅବସରରେ ସେ ଉଲ୍ଲେଖ କରିଥିଲେ ଯେ ପୁରୀ କେବଳ ଏକ ଧର୍ମୀୟ ସ୍ଥାନ ନୁହେଁ, ଏହା ଓଡ଼ିଶା ଭକ୍ତି ଓ ଆସ୍ଥାର ପ୍ରତୀକ। ସରକାର ପୁରୀକୁ ବିଶ୍ୱସ୍ତରୀୟ ଧାର୍ମିକ ସହର ଭାବେ ଉନ୍ନତ କରିବାକୁ ପ୍ରତିଶ୍ରୁତିବଦ୍ଧ ଏବଂ ଏହି ସହରକୁ ମହାନଗର ନିଗମ ଭାବେ ଘୋଷଣା ତାହାର ପ୍ରଥମ ପଦକ୍ଷେପ।ସେ ଆଶା ବ୍ୟକ୍ତ କରିଥିଲେ ଯେ ହବିଷିଆଳି ମା'ମାନଙ୍କ ଭକ୍ତି ଓ ପ୍ରାର୍ଥନା ଓଡ଼ିଶାକୁ ଆଶୀର୍ବାଦ କରିବ ଏବଂ ସମାଜକୁ ଶାନ୍ତି, ପଥରେ ଅଗ୍ରସର କରେଇ ନେବ।

ସେ କହିଥିଲେ ଯେ ଚଳିତ ବର୍ଷ ପ୍ରାୟ ୨ ହଜାର ୫୦୦ ହବିଷ୍ୟାଳୀ ମା'ମାନଙ୍କ ପାଇଁ ସରକାର ପକ୍ଷରୁ ୫ଟି ନିର୍ଦ୍ଧାରିତ ସ୍ଥଳରେ ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ, ରେଲୱେ କଲ୍ୟାଣ ମଣ୍ଡପ ଓ ମୋଟିସାହି କଲ୍ୟାଣ ମଣ୍ଡପ ଠାରେ ରହିବା ଓ ଖାଦ୍ୟ ବ୍ୟବସ୍ଥା କରାଯାଇଛି। ସେଥିପାଇଁ ସରକାର ପକ୍ଷରୁ ପ୍ରାୟ ୩ କୋଟି ୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ଓ ଏହା ଗତ ବର୍ଷ ତୁଳନାରେ ୭୦ ଲକ୍ଷ ଅଧିକ ଥିବା ତଥ୍ୟ ମୁଖ୍ୟମନ୍ତ୍ରୀ ଦେଇଥିଲେ।

ସେ ଆହୁରି କହିଥିଲେ ଯେ କାର୍ତ୍ତିକବ୍ରତ ହବିଷିଆଳି ଯୋଜନାକୁ ନିରନ୍ତର ସୁଦୃଢ଼ କରାଯାଉଛି ଏବଂ ସମସ୍ତ ସ୍ଥାନରେ ସ୍ୱେଚ୍ଛାସେବୀ, ପୋଲିସ, ଡାକ୍ତର ଓ ସହାୟତାର ବ୍ୟବସ୍ଥା ହୋଇଛି, ଯାହା ହବିଷ୍ୟାଳୀ ମା'ମାନଙ୍କ ସୁବିଧା ଓ ସୁରକ୍ଷା ପାଇଁ ଆବଶ୍ୟକ।ବକ୍ତବ୍ୟ ଶେଷରେ ସେ ସମସ୍ତଙ୍କୁ ଜଗନ୍ନାଥ ଧର୍ମର ଶିକ୍ଷା ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ ଓ ସମସ୍ତ ହବିଷିଆଳି ମା'ମାନଙ୍କୁ ପ୍ରଣାମ ଜଣାଇଥିଲେ ଏବଂ ସେମାନଙ୍କ ସହ ଫୋନ ଯୋଗେ ସହିତ ମାଆ ମାନଙ୍କ ସୁବିଧା ଅସୁବିଧା କଥା ପଚାରି ବୁଝିଥିଲେ ଓ କଥା ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୁରୀ ସାଂସଦ ଡାକ୍ତର ସମ୍ବିତ ପାତ୍ର, ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ପୁରୀ ସଦର ବିଧାୟକ ସୁନୀଲ କୁମାର ମହାନ୍ତି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ସ୍ୱାଗତଭାଷଣ ଦେଇଥିବା ବେଳେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ଓଡ଼ିଆ ଡାକ୍ତରୀ ଛାତ୍ରୀ ଦୁଷ୍କର୍ମ...

ଖୁଲାସା କରି ନାହିଁ । ରବିବାର ପୋଲିସ ଶେଖ ରିଆଜୁଦ୍ଦିନ, ଅପୁ ବାଉରି ଏବଂ ରଦୌସ ଶେଖ ନାମକ ତିନି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ତିନିଜଣଙ୍କୁ ଦୁର୍ଗାପୁର ଆଦାଲତରେ ହାଜର କରି ପୋଲିସ ୧୦ ଦିନିଆ ରିମାଣ୍ଡରେ ନେଇଛି।

ପୋଲିସ ସୂତ୍ରରୁ ପ୍ରକାଶ ଯେ ଆଦାଲତରେ ତିନିଜଣ ଅଭିଯୁକ୍ତଙ୍କୁ ହାଜର କରିବା ପରେ ପୋଲିସ କଲେଜ ନିକଟସ୍ଥ ଝାଡ଼ି ଅଞ୍ଚଳରେ ଡ୍ରୋନ୍ ସହାୟତାରେ ତଲାସି ଅଭିଯାନ ଚଳାଇ ଚତୁର୍ଥ ଅଭିଯୁକ୍ତଙ୍କୁ ଗିରଫ କରିଛି । ପୋଲିସ କହିଛି ଯେ ଘଟଣାରେ ମୁଖ୍ୟ ପାଞ୍ଚ ଅଭିଯୁକ୍ତ ମଧ୍ୟରୁ ଚାରି ଜଣଙ୍କୁ ଗିରଫ କରାଯାଇଛି ଏବଂ ଅନ୍ୟ ଜଣଙ୍କ ତଲାସି ଜୋରଦାର କରାଯାଇଛି।

### ସରକାରୀ କୋଠା...

ସରକାରୀ କୋଠା ବାହାରେ ଲାଗିବାକୁ ଥିବା ସିସିଟିଭି ଅତିକମରେ ୫୦୦ ମିଟର ଯାଏଁ କଭରେଜ କରିବ। ଏପରିକି କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ରୁମ୍ ସହ ଉକ୍ତ ସିସିଟିଭି ଯୋଡ଼ାଯିବ ବୋଲି ଜଣାପଡ଼ିଛି। ଯୋଜନା ସମ୍ପର୍କରେ ଆସନ୍ତା ୧୭ ତାରିଖରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ ବୋଲି ସୂଚନା ମିଳିଛି।

### ଦୀପାବଳି ବୋନସ୍...

ପ୍ରତିଶତକୁ ବୃଦ୍ଧି ପାଇଛି। ଏହି ଡିଏ ବୃଦ୍ଧି ୧ଜୁଲାଇ, ୨୦୨୫ଠାରୁ ବୈଧ। ଏହାର ଅର୍ଥ ହେଉଛି ପୂର୍ବ ତିନି ମାସର ଡିଏ ଅକ୍ଟୋବର ଦରମାରେ ବକେୟା ଭାବରେ ଯୋଡ଼ାଯିବ। ଏହା ଫଳରେ ଏହି ପର୍ବ ମାସରେ କର୍ମଚାରୀମାନଙ୍କ ପାଇଁ ଅଧିକ ଦରମା ମିଳିବ। କେନ୍ଦ୍ର ସରକାର ବର୍ଷକୁ ଦୁଇଥର ଡିଏ ବୃଦ୍ଧି କରନ୍ତି। ଏହି ୨ ପ୍ରତିଶତ ଡିଏ ବୃଦ୍ଧି ଚଳିତ ବର୍ଷ ମାର୍ଚ୍ଚରେ ଘୋଷଣା କରାଯାଇଥିଲା। କେନ୍ଦ୍ର ସରକାର ଗ୍ରୁପ-ସି ଏବଂ ଅଣ-ଗେଜେଟେଡ ଗ୍ରୁପ-ବି କର୍ମଚାରୀମାନଙ୍କୁ ଦୀପାବଳି ବୋନସ ଭାବରେ ୩୦ ଦିନର ଦରମା ପ୍ରଦାନ କରିବେ। ଏହି ବୋନସ ସେମାନଙ୍କର ଅକ୍ଟୋବର ଦରମା ସହିତ ପ୍ରଦାନ କରାଯିବ। ସରକାର କହିଛନ୍ତି ଯେ କର୍ମଚାରୀଙ୍କ ଭଲ କାମ ଏବଂ ପର୍ବ ଋତୁକୁ ସ୍ୱୀକୃତି ଦେବା ପାଇଁ ଏହି ବୋନସ ଘୋଷଣା କରାଯାଇଛି।

### କରୁର ଦଳାଚକଟା...

ବ୍ୟତୀତ କୋର୍ଟ ପ୍ରଶ୍ନ କରିଥିଲେ ଯେ ଯେତେବେଳେ ମାମଲାଟି ମଦୁରାଇ ବେଞ୍ଚର କ୍ଷେତ୍ରାଧିକାର ମଧ୍ୟରେ ଥିଲା, ସେତେବେଳେ ହାଇକୋର୍ଟ କିପରି ଏସଆଇଟି ଗଠନ ନିର୍ଦ୍ଦେଶ ଦେଲେ।

### ୨ ବର୍ଷରେ ୯୯୫...

ହୋଇପଡ଼ିଛି। ଫଳରେ ଅନେକ କ୍ୟାଡର ନକ୍ସଲ ମାଓ ସଂଗଠନରୁ ମୁହଁ ଫେରାଇ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେଉଛନ୍ତି। ଅନ୍ୟପକ୍ଷରେ ମାଓ ନେତାଙ୍କ ଅସ୍ତ୍ର ବିରତି ପ୍ରସ୍ତାବକୁ ନେଇ ସଂଗଠନ ଦୁଇ ଭାଗ ହୋଇଛି। ଛତିଶଗଡ଼ର ଏକ ନକ୍ସଲ ସରକାରଙ୍କ ସହ ଆଲୋଚନା ପାଇଁ ପ୍ରସ୍ତୁତ ଥିବାବେଳେ ତେଲେଙ୍ଗାନା ରାଜ୍ୟ କମିଟି କୌଣସି ଆଲୋଚନାକୁ ସମର୍ଥନ କରିବେ ନାହିଁ ବୋଲି ମନା କରିଦେଇଛି। ଏପରି ସ୍ଥିତିରେ ନକ୍ସଲ ସଂଗଠନରେ ହାତଗଣତି ନକ୍ସଲ ରହିଥିବାରୁ ପୁଣି ସଂଗଠନକୁ ସୁଦୃଢ଼ କରିବା ପାଇଁ ଟପ୍ କ୍ୟାଡର ନକ୍ସଲ ଯୋଜନା ପ୍ରସ୍ତୁତ କରୁଛନ୍ତି। ଟାର୍ଗେଟରେ ରହିଛନ୍ତି ନାବାଳକ ଓ କମ୍ ବୟସର ଯୁବକ। ସୂଚନାନୁଯାୟୀ, ନକ୍ସଲ ଗାଁ ମାନଙ୍କରେ ମିଲିସିଆଙ୍କୁ ସକ୍ରିୟ କରିବା ସହ କିପରି ନାବାଳକ ସଂଗଠନ ସହ ଯୋଡ଼ି ହେବେ ସେ ନେଇ ପ୍ରୟାସ ଆରମ୍ଭ କରିଛନ୍ତି। ଛତିଶଗଡ଼ର ଦୁର୍ଗମ ଅଞ୍ଚଳର ପିଲାମାନେ ଅଶିକ୍ଷିତ ହୋଇ ରହିଥିବାରୁ ସେମାନଙ୍କୁ ପ୍ରଲୋଭନ ଦେଖାଇ ସଂଗଠନରେ ସାମିଲ୍ ପାଇଁ ଉଦ୍ୟମ ଚାଲିଛି। ଏବେ ନକ୍ସଲ ସଂଗଠନରେ ୧ ହଜାରରୁ କମ୍ ନକ୍ସଲ ରହିଥିବା ବେଳେ ମାତ୍ର ୮ରୁ ୧୦ ଜଣ କେନ୍ଦ୍ରୀୟ କମିଟି ସଦସ୍ୟ ରହିଛନ୍ତି।

### ସେପ୍ଟେମ୍ବରରେ ୧.୫୪%କୁ...

କିନ୍ତୁ ଶିକ୍ଷା ମୁଦ୍ରାସ୍ଫୀତି ୩.୬୦%ରୁ ୩.୪୪%କୁ କମିଛି। ଅର୍ଥନୀତିଜ୍ଞମାନେ କହିଛନ୍ତି, ପରିବାର ମୂଲ୍ୟରେ ପରିବର୍ତ୍ତନର କାରଣ ହେଉଛି ମୌସୁମୀ ପରିବର୍ତ୍ତନ, ଡାଲିର ମୂଲ୍ୟ ହ୍ରାସ ଓ ବିଶ୍ୱ ବଜାରରେ ଶକ୍ତି ମୂଲ୍ୟ କମିବା ଏହାର ମୁଖ୍ୟ କାରଣ। ମୁଦ୍ରାସ୍ଫୀତି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ୨-୬% ଲକ୍ଷ୍ୟଠାରୁ କମ୍ ରହିଥିବାରୁ ବର୍ଷାନ୍ତ ସୁଦ୍ଧା ସୁଧ ହାର ହ୍ରାସର ସମ୍ଭାବନା ରହିଛି। ଡିବିଏସ ବ୍ୟାଙ୍କର ବରିଷ୍ଠ ଅର୍ଥନୀତିଜ୍ଞବିତ୍ ରାଧିକା ରାଓ କହିଛନ୍ତି, "ମୁଦ୍ରାସ୍ଫୀତି ଏହି ତ୍ରୈମାସିକରେ ଦ୍ୱିତୀୟ ଥର ପାଇଁ ଆରବିଆଇର ଲକ୍ଷ୍ୟଠାରୁ କମିଛି। ପରିବାର ଦର ଦୁର୍ବଳ ହେବା, ଡାଲିର ମୂଲ୍ୟ କମିବା ଓ ଶକ୍ତି ମୂଲ୍ୟ ସ୍ଥିର ରହିବା ଏହାର କାରଣ। ଅକ୍ଟୋବରରେ ମୁଦ୍ରାସ୍ଫୀତି ଆହୁରି କମିବ ବୋଲି ଆଶା କରାଯାଉଛି।"


# ଓଡ଼ିଶା ଭାରତୀୟ ଶିକ୍ଷା ଓ ସଂସ୍କୃତିର ନେତୃତ୍ୱ ଦାୟିତ୍ୱ ଗ୍ରହଣ କରିବ : ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟ, ପୁରୀ ଠାରେ ଆୟୋଜିତ ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ ସନ୍ଦର୍ଭରେ, ଭାରତୀୟ ଜ୍ଞାନ ପରମ୍ପରା ସମ୍ପର୍କରେ ଆଲୋଚନା ଚକ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି ଯେ ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ ହେଉଛି ଏକବିଂଶ ଶତାବ୍ଦୀର ପ୍ରଥମ ଶିକ୍ଷାନୀତି ଯାହାକି ଆମ ଦେଶର ବିକାଶମୂଳକ ଆବଶ୍ୟକତାକୁ ସମାଧାନ କରିବାର ଲକ୍ଷ୍ୟ ରଖିଛି । କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ଭାରତର ପରମ୍ପରା ଓ ମୂଲ୍ୟବୋଧ ଉପରେ ନିର୍ଭର କରୁଥିବାବେଳେ ଏସଡିଜି ୪ ସହିତ ଏକବିଂଶ ଶତାବ୍ଦୀର ଶିକ୍ଷାର ଆକାଂକ୍ଷିତ ଲକ୍ଷ୍ୟ ସହିତ ସମତୁଲ ଏକ ନୂତନ ବ୍ୟବସ୍ଥା ପ୍ରଚଳନ ପାଇଁ ନିୟମାବଳୀ ଓ ପ୍ରଶାସନ ସହିତ ଶିକ୍ଷା ସଂରଚନାର ସମସ୍ତ ଦିଗଗୁଡ଼ିକର ସଂଶୋଧନ ଓ ପୁନଃନିର୍ମାଣ ପାଇଁ ପ୍ରସ୍ତାବ ଦେଇଛି। ରାଷ୍ଟ୍ରୀୟ ଶିକ୍ଷାନୀତି ପ୍ରତ୍ୟେକ ବ୍ୟକ୍ତିର ସୃଜନଶୀଳ ସାମର୍ଥ୍ୟର ବିକାଶ ଉପରେ ବିଶେଷ ଗୁରୁତ୍ୱ ଦେଇଛି। ଶିକ୍ଷା ନୀତି ଏହି ସିଦ୍ଧାନ୍ତ ଉପରେ ଆଧାରିତ ଯେ,ଶିକ୍ଷା କେବଳ ଜ୍ଞାନଗତ କ୍ଷମତାର ବିକାଶ ନୁହେଁ – ସ୍ୱାକ୍ଷରତା ଏବଂ ସଂଖ୍ୟାଗତ ଦକ୍ଷତାର "ମୌଳିକ ସାମର୍ଥ୍ୟ" ଏବଂ ବିଶ୍ଳେଷଣାତ୍ମକ ଚିନ୍ତନ। ଏହି ରାଷ୍ଟ୍ରୀୟ ଶିକ୍ଷା ନୀତି ଭାରତୀୟ ଲୋକାଚାର ଉପରେ ଆଧାରିତ ଏକ ଶିକ୍ଷା ବ୍ୟବସ୍ଥା ଉପରେ ପର୍ଯ୍ୟବେସିତ, ଯାହାକି ଭାରତକୁ ରୂପାନ୍ତର କରିବାରେ ସିଧାସଳଖ ଅବଦାନ ଦେବ, ଅର୍ଥାତ ଏକ ସମାନତା ଓ ଉତ୍ସାହୀ ଜ୍ଞାନଭିତିକ ସମାଜରେ ସମସ୍ତଙ୍କୁ ଉଚ୍ଚ ଗୁଣାତ୍ମକମାନର ଶିକ୍ଷା ପ୍ରଦାନ କରି ଭାରତକୁ ଜ୍ଞାନର ଏକ ବିଶ୍ୱ ଶକ୍ତିରେ ପରିଣତ କରିବ । ମୁଖ୍ୟମନ୍ତ୍ରୀ ଏହି ସମୟର ଯୁବବର୍ଗକୁ ଭାରତୀୟ ଜ୍ଞାନ ପରମ୍ପରା, ସଂସ୍କୃତି ଓ ଗୌରବମୟ ଇତିହାସ ସହ ପରିଚିତ କରାଇବାର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି। ସେ କହିଥିଲେ ଯେ ଭାରତ ଏକ ଏଭଳି ଦେଶ ଯାହା ବିଦେଶୀ ଆକ୍ରମଣ ସତ୍ତ୍ୱେ ମଧ ନିଜର ଆଦି ଜ୍ଞାନ ଓ ସଂସ୍କୃତିକୁ ଅବିକଳ ରଖିଛି। ଏହି ଐତିହ୍ୟକୁ ସୁରକ୍ଷିତ ଓ ସକ୍ରିୟ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ। ନିଜର ପ୍ରାଚୀନ ଜ୍ଞାନ ଏବଂ ସଂସ୍କୃତିକୁ ବଜାୟ ରଖିବା ଯେ କୌଣସି ଜାଗାରୁ ରାଷ୍ଟ୍ରର କର୍ତବ୍ୟ ଅଟେ । କଳା, ସଙ୍ଗୀତ, ସାହିତ୍ୟ, ନ୍ୟାୟ, ଦର୍ଶନ, ସ୍ଥାପତ୍ୟ, ଯୋଗ, ବିଜ୍ଞାନ, ଧାତୁ ବିଜ୍ଞାନ, ଜ୍ୟୋତିଷ, ଭୂଗୋଳ, ଗଣିତ, ଚିକିତ୍ସା, ରସାୟନ ଶାସ୍ତ୍ର ଏବଂ କୃଷି ଆଦି ପ୍ରତ୍ୟେକ କ୍ଷେତ୍ରରେ ଭାରତୀୟ ଚିନ୍ତନ ଏବଂ ଗବେଷଣା ଉପଲବ୍ଧ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶିକ୍ଷା ବ୍ୟବସ୍ଥାର ମୂଳ ଉଦ୍ଦେଶ୍ୟ ହେଉଛି ଉତ୍ତମ ମଣିଷ ସୃଷ୍ଟି କରିବା, ଯାହାଠାରୁ ଯୁକ୍ତିପୂର୍ଣ୍ଣ ଚିନ୍ତନ, ଦୟା ଓ ସମାନୁଭୂତି, ସାହସ ଓ ସ୍ଥିରତା, ବୈଜ୍ଞାନିକ ଭାବଧାରା, ସୃଜନଶୀଳ କଳ୍ପନା ଏବଂ ନୈତିକ ମୂଲ୍ୟବୋଧର ବିକାଶ ହେବ । ସେ କହିଥିଲେ ଯେ, ଏକ ଉତମ ଶିକ୍ଷାନୁଷ୍ଠାନ ସେହିଠି ଯେଉଁଠି ଶିକ୍ଷାର୍ଥୀ ନିଜକୁ ଦ୍ୱିତୀୟ ଘରରେ ଅନୁଭବ କରନ୍ତି, ଯେଉଁଠି ସୁରକ୍ଷିତ, ପ୍ରେରଣାଦାୟୀ ଓ ସମାନତାପୂର୍ଣ୍ଣ ପରିବେଶ ରହେ । ସେ କହିଥିଲେ, ଶିକ୍ଷାନୀତି ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସଂବିଧାନିକ ମୂଲ୍ୟବୋଧ ଏବଂ ଦେଶପ୍ରେମର ଭାବନା ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ । ଶିକ୍ଷା କେବଳ ନିଜ ସ୍ୱାର୍ଥ ପାଇଁ ନୁହେଁ, ବରଂ ସମସ୍ତଙ୍କ ହିତ ଏବଂ ସମାଜ କଲ୍ୟାଣ ପାଇଁ ଅଟେ — ଏହା ହେଉଛି ଭାରତୀୟ ଜ୍ଞାନ ପରମ୍ପରାର ମୂଳ ମନ୍ତ୍ର । ସେ ଆହୁରି କହିଥିଲେ, ଆମ ଦେଶର ପ୍ରାଚୀନ ଋଷିମୁନିମାନେ ଯେପରି ଶିକ୍ଷାକୁ ସର୍ବହିତ ପାଇଁ ଉପକାରୀ କରିଥିଲେ, ତାହାର ଅନୁସରଣ ଆଜିର ଶିକ୍ଷା ବ୍ୟବସ୍ଥାର ଆବଶ୍ୟକତା। ଭାରତୀୟ ଚିନ୍ତନ ଓ ଗବେଷଣା ଯେପରି କଳା, ସାହିତ୍ୟ, ବିଜ୍ଞାନ, ନ୍ୟାୟ, ଦର୍ଶନ, ଯୋଗ, ଜ୍ୟୋତିଷ, ଗଣିତ, ଚିକିତ୍ସା ଓ କୃଷି ସହିତ ସମସ୍ତ କ୍ଷେତ୍ରରେ ଅମୂଲ୍ୟ ଅବଦାନ ରଖିଛି, ସେଗୁଡ଼ିକୁ ଯୁବପିଢିଙ୍କ ସମ୍ମୁଖରେ ଆଣିବା ଅତିଆବଶ୍ୟକ । ମୁଖ୍ୟମନ୍ତ୍ରୀ କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର ଉଦ୍ଧୃତ କରି କହିଥିଲେ ଯେ, "ଲୋକଙ୍କ କଲ୍ୟାଣ ହିଁ ଶାସକଙ୍କ ସତ୍ୟ ଆନନ୍ଦ' ଏବଂ ସେ ଉଲ୍ଲେଖ କରିଥିଲେ ଯେ, ଭାରତୀୟ ଗଣତାନ୍ତ୍ରିକ ଚିନ୍ତନର ଆଧାର ହେଉଛି କର୍ତ୍ତବ୍ୟ ଏବଂ ପ୍ରଜାଧର୍ମ — ଯେଉଁଠି ଶାସକ ଓ ପ୍ରଜାଙ୍କ ସମ୍ପର୍କ ପିତା-ପୁତ୍ର ସମାନ ଭାବରେ ଦେଖାଯାଇଥାଏ । କାର୍ଯ୍ୟକ୍ରମ ରେ ମୁଖ୍ୟବକ୍ତା ଭାବେ ଭାରତୀୟ ଶିକ୍ଷା ଓ ସଂସ୍କୃତିକ ମୂଲ୍ୟବୋଧ ଉପରେ ଜୋର ଦେଇ ସଚିବ, ଶିକ୍ଷା ସଂସ୍କୃତି ଉତଥାନ ନ୍ୟାସ, ନୂଆଦିଲ୍ଲୀ ଡ଼. ଅତୁଲ କୋଠାରୀ କହିଛନ୍ତି ଯେ ଶିକ୍ଷା କେବଳ ଜୀବିକା ପାଇଁ ନୁହେଁ, ଏହା ଜୀବନ ଗଠନର ଆଧାର। ଆମ ଶିକ୍ଷା ପ୍ରଣାଳୀରେ ଭାରତୀୟ ମୂଲ୍ୟ, ଆଦର୍ଶ ଓ ସଂସ୍କୃତିକ ଚେତନାକୁ ଆଣିବା ଆଜିର ସମୟର ଆବଶ୍ୟକତା। ଆମେ ଯଦି ଶିକ୍ଷାକୁ ରାଷ୍ଟ୍ର ଗଠନର ସାଧନା ଭାବେ ଦେଖିବା, ତେବେ ଆଗାମୀ ପିଢି ଜ୍ଞାନୀ, କର୍ତ୍ତବ୍ୟନିଷ୍ଠ ଓ ଦେଶଭକ୍ତ ନାଗରିକ ଭାବେ ଗଢ଼ିଉଠିବେ। ସେ ଆହୁରି ମଧ୍ୟ କହିଥିଲେ ଯେ ନୂଆ ରାଷ୍ଟ୍ରୀୟ ଶିକ୍ଷାନୀତି (ଏନଇପି ୨୦୨୦) ଭାରତୀୟ ଚିନ୍ତନ ଓ ଆଧୁନିକ ଜ୍ଞାନର ସମନ୍ୱୟ। ଏହା ମାଧମରେ ଆମେ ସଂସ୍କୃତିକ ମୂଳକୁ ମଜବୁତ କରି, ଗ୍ଲୋବାଲ ଦୃଷ୍ଟିକୋଣ ସହ ଆଗକୁ ବଢ଼ିପାରିବୁ। ଉକ୍ତ ସଭାରେ ମହାସଚିବ, ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ପରାମର୍ଶଦାତା ଡ଼. ପଙ୍କଜ ମିତ୍ତଲ ଏବଂ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀଙ୍କ ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ହୋଇଥିଲେ। ସୂଚନା ଯୋଗ୍ୟ ଯେ ଏହି କାର୍ଯ୍ୟକ୍ରମ ରେ ଭାରତୀୟ ଜ୍ଞାନ ପରମ୍ପରା, ଶିକ୍ଷା ସଂସ୍କାର, ଏବଂ ନୂତନ ଶିକ୍ଷାନୀତିର ଲକ୍ଷ୍ୟଗୁଡିକ ଉପରେ ଗଭୀର ଚର୍ଚ୍ଚା ଓ ଆଲୋଚନା ହୋଇଛି। ସଂଗୋଷ୍ଠୀର ଉଦ୍ଦେଶ୍ୟ ହେଉଛି ଭାରତୀୟ ଶିକ୍ଷା ଚିନ୍ତନ ଓ ପାରମ୍ପରିକ ଜ୍ଞାନ ସଂପଦକୁ ଆଧୁନିକ ଶିକ୍ଷା ସହ ସମନ୍ୱୟ କରିବା। ତିନି ଦିନ ଧରି ଚାଲୁଥିବା ସଂଗୋଷ୍ଠୀରେ "ଶିକ୍ଷା ଏବଂ ଭାରତୀୟ ମୂଲ୍ୟବୋଧ", "ଭାରତୀୟ ଜ୍ଞାନ ପରମ୍ପରା ଓ ଆଧୁନିକ ଶିକ୍ଷା ସମନ୍ୱୟ", "ରାଷ୍ଟ୍ରୀୟ ଶିକ୍ଷାନୀତିର ଭିତିଭୂମି ଏବଂ ଦିଗନିର୍ଦ୍ଦେଶ" ଭଳି ବିଷୟ ଉପରେ ବିଶେଷ ଅଧିବେଶନ ହେବ।

# କେନ୍ଦ୍ରମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ନୂଆଦିଲ୍ଲୀ ଗସ୍ତ ସମୟରେ, ସେ କେନ୍ଦ୍ର ଗ୍ରାହକ ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ, ନୂତନ ଏବଂ ନବୀକରଣୀୟ ଶକ୍ତିମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଖରିଫ ମାର୍କେଟିଂ ଋତୁରେ କଷ୍ଟମ୍ ମିଲ୍ଡ଼ ଚାଉଳର କ୍ରୟ ଲକ୍ଷ୍ୟ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ପତ୍ର ତାଙ୍କୁ ପ୍ରଦାନ କରିଥିଲେ। ଉପମୁଖ୍ୟମନ୍ତ୍ରୀ ପୁନର୍ବାର ଏହି ପ୍ରସଙ୍ଗରେ କେନ୍ଦ୍ର ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଭାରତ ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଥିବା ଧାନ ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟ ୫୦ ଲକ୍ଷ ମେଟ୍ରିକ ଟନ ରହିଥିବାବେଳେ, ରାଜ୍ୟରେ କିନ୍ତୁ ପ୍ରକୃତରେ ୬୨.୫୪ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଛି। ପ୍ରକୃତ କ୍ରୟ ସହିତ ସମନ୍ୱୟ ରଖି ଅନୁମୋଦିତ ଲକ୍ଷ୍ୟକୁ ତୁରନ୍ତ ବୃଦ୍ଧି କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଏଥିସହିତ, କଷ୍ଟମ୍ ମିଲ୍ଡ ଚାଉଳର ବିତରଣ ସମୟସୀମା ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ମଧ ଅନୁରୋଧ କରିଛନ୍ତି । ବର୍ଦ୍ଧିତ ସମୟସୀମା ମଧ୍ୟରେ ବାକି ଧାନ ଖାଲି କରିବା ପାଇଁ ଏଫସିଆଇକୁ ଆବଶ୍ୟକୀୟ ନିର୍ଦ୍ଦେଶ ଜାରି କରିବାକୁ କହିଛନ୍ତି। ଏହା ଓଡିଶାର ସଂରକ୍ଷଣ ଏବଂ ଆବଣ୍ଟନ ପରିଚାଳନାକୁ ସୁଗମ କରିବ। ଏହି ବୈଠକରେ ପ୍ରମୁଖ ସଚିବ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସଞ୍ଜୟ କୁମାର ସିଂହ, ଶକ୍ତି ବିଭାଗ ବିଶାଳ କୁମାର ଦେବ ଉପସ୍ଥିତ ଥିଲେ।

# ମୁନୁଷପଦର୍ ଗାଁରେ ପହଞ୍ଚିଲା ଉତ୍କଳ ଆଲୁମିନା ମୋବାଇଲ୍ ସ୍ୱାସ୍ଥ୍ୟ ଟିମ୍

**କାଶୀପୁର, ନ୍ୟୁଜ ବ୍ୟୁରୋ**

ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ଏକ ମୋବାଇଲ ସ୍ୱାସ୍ଥ୍ୟ ଦଳ କାଶୀପୁର ବ୍ଲକ ଅଧୀନ ଡଙ୍ଗାସିଲ୍ ପଞ୍ଚାୟତ ଦୁର୍ଗମ ମୁନୁଷପଦର ଗ୍ରାମରେ ଚର୍ମ ରୋଗ ବ୍ୟପୁଥିବା ବେଳେ ଏଠାରେ ପହଞ୍ଚି ଆକ୍ରାନ୍ତଙ୍କୁ ତ୍ୱରିତ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ପିଡିତଙ୍କୁ ଔଷଧ ବିତରଣ କରିଛନ୍ତି। ଉକ୍ତ ଗାଁରେ ଚର୍ମ ଜନିତ ରୋଗ ବ୍ୟାପୁଥିବା ସଂକ୍ରାନ୍ତରେ ପ୍ରଥମେ ଜଣାପଡିବା ପରେ ଉତ୍କଳ ଆଲୁମିନା ସିଏସଆର ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ତୁରନ୍ତ ସିଏସଆର ବିଭାଗ ମୁଖ୍ୟ ଲୋପାମୁଦ୍ରା ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ପ୍ଲାଣ୍ଟ ସିଏସଆର ମୁଖ୍ୟ ଦିଗନ୍ତ ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧନରେ ଏକ ମୋବାଇଲ ସ୍ୱାସ୍ଥ୍ୟ ଦଳ ସମେତ ସିଏସ୍ଆର କର୍ମକର୍ତ୍ତା ମାନେ ମୁନୁଷପଦର୍ ଗ୍ରାମରେ ପହଂଚିଥିଲେ। ଉକ୍ତ ଗ୍ରାମକୁ ଯିବା ସମୟରେ ଏହି ଟିମ୍ ସମସ୍ତ ଆବଶ୍ୟକୀୟ ଜରୁରୀ ଔଷଧ ଓ ଚିକିତ୍ସା ଉପକରଣ ଧରି ଦୀର୍ଘ ୪କିମି ପାହାଡିଆ ରାସ୍ତା, ଜଙ୍ଗଲ ଓ ନଦୀ ପାର ହୋଇ ଏମାନେ ସେହି ଗ୍ରାମରେ ପହଂଚିଥିଲେ। ଉକ୍ତ ଗ୍ରାମରେ ବିଶେଷତଃ ଶିଶୁ ଓ ମହିଳା ମାନେ ସମ୍ପ୍ରତି ଚର୍ମ ରୋଗରେ ପୀଡ଼ିତ ହୋଇଥିବାବେଳେ ତୁରନ୍ତ ଏମାନଙ୍କ ଚିକିତ୍ସା ପ୍ରଦାନ କରାଯାଇଥିଲା । ଉତ୍କଳ ଆଲୁମିନା ସିଏସଆର ବିଭାଗ ଦ୍ୱାରା ପରିଚାଳିତ ମୋବାଇଲ ସ୍ୱାସ୍ଥ୍ୟ ଟିମ୍ ଆକ୍ରାନ୍ତଙ୍କୁ ତୁରନ୍ତ ସ୍ୱାସ୍ଥ୍ୟ ପରୀକ୍ଷା ଓ ଆବଶ୍ୟକ ଅନୁଯାୟୀ ଔଷଧ ବିତରଣ କରିଥିଲେ। ଏଥିସହତ ଉକ୍ତ ରୋଗ ବ୍ୟାପିବା ସମ୍ପର୍କରେ ଗ୍ରାମବାସୀଙ୍କୁ ଅବଗତ କରିବା ସହ ଶୁଦ୍ଧ ପାନୀୟ ଜଳ ବ୍ୟବହାର ଏବଂ ଗ୍ରାମରେ ସ୍ୱଚ୍ଛ ପରିବେଶ ବଜାୟ ରଖିବା ପାଇଁ ଗାଁରେ ଘରକୁ ଘର ବୁଲି ଲୋକଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ଉକ୍ତ ମୋବାଇଲ ସ୍ୱାସ୍ଥ୍ୟ ଟିମ୍ ସଦସ୍ୟ ଡ଼ା. ଦେବବ୍ରତ ରାଉତଙ୍କ ନେତୃତ୍ୱରେ ଗ୍ରାମରେ ପହଞ୍ଚିଥିବାବେଳେ ସହଯୋଗୀ ସନ୍ତୋଷ କୁମାର ସାହୁ, ସୁବାଷ ଝୋଡ଼ିଆ, ମହେନ୍ଦ୍ର ପାଇକ, ଜିତେନ୍ଦ୍ର ନାୟକ ଓ ଫାର୍ମାସିଷ୍ଟ ଚିନ୍ମୟ କୁମାର ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ସିଏସଆର ବିଭାଗର କର୍ମକର୍ତ୍ତା ସତ୍ୟଭାମା ନାଏକଙ୍କ ସମେତ ମୋହିନୀ ନାଏକ, ସୁସ୍ମିତା କୋସଲା ଓ ହେମଲତା ପ୍ରମୁଖ ସହଯୋଗ କରିଥିଲେ।




# ଆଇନ ଛାତ୍ରଛାତ୍ରୀମାନଙ୍କୁ ବିଶ୍ଳେଷଣାତ୍ମକ ଓ ସୂକ୍ଷ୍ମଦର୍ଶୀ ହେବା ଆବଶ୍ୟକ: ନ୍ୟାୟମୂର୍ତ୍ତି କ୍ରିଷ୍ଣା ଶ୍ରୀପଦ ଦୀକ୍ଷିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ଆଇନ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ବିଶ୍ଳେଷଣାତ୍ମକ ଓ ସତର୍କ ମନୋଭାବ ପୋଷଣ କରିବା ସହିତ ଆଇନ ଓ ଭାଷା ଉପରେ ପାରଦର୍ଶିତା ଲାଭ କରିବା ଆବଶ୍ୟକ ବୋଲି ଶନିବାର ଓଡ଼ିଶା ହାଇକୋର୍ଟର ବିଚାରପତି ନ୍ୟାୟମୂର୍ତ୍ତୀ କ୍ରିଷ୍ଣା ଶ୍ରୀପଦ ଦୀକ୍ଷିତ କହିଛନ୍ତି । ଆଇନ ଅଧ୍ୟୟନ କରୁଥିବା ଜଣେ ଛାତ୍ର ବା ଛାତ୍ରୀଙ୍କୁ ବିଭିନ୍ନ ଆଇନ ଓ ବିଷୟ ଉପରେ ପାରଦର୍ଶିତା ଲାଭ କରିବା ଆବଶ୍ୟକ କାରଣ ଜଣେ ଆଇନଜ୍ଞଙ୍କୁ କେଉଁ ପ୍ରକାରର ମାମଲା ପରିଚାଳନା କରିବାକୁ ପଡ଼ିବ ତାହା ଜଣା ନଥାଏ ବୋଲି ନ୍ୟାୟମୂର୍ତ୍ତୀ ଦୀକ୍ଷିତ ଶିକ୍ଷା ଓ ଅନୁସନ୍ଧାନ ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟର ଫ୍ୟାକଲ୍ଟି ଅଫ୍ ଲ'ର ୧୫ତମ ଓରିଏଂଟେସନ୍ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଛନ୍ତି। ଭାଷା ମାଧ୍ୟମରେ ଆଇନ ପ୍ରକଟିତ ହୁଏ ଏବଂ ଛାତ୍ରଛାତ୍ରୀମାନଙ୍କୁ ଉଭୟ ଆଇନ ଓ ଭାଷାକୁ ଆୟତ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ଛାତ୍ରଛାତ୍ରୀମାନଙ୍କୁ ବିଶ୍ଳେଷଣାତ୍ମକ ମନୋଭାବ ପୋଷଣ କରିବା ସହିତ ତର୍କଶାସ୍ତ୍ର ବିଷୟରେ ଜ୍ଞାନ ଆହରଣ କରିବାକୁ ପଡ଼ିବ। ଏହା ଛଡ଼ା ସେମାନଙ୍କୁ ସମ୍ବେଦନଶୀଳ ହେବା ଆବଶ୍ୟକ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସଭାପତିତ୍ୱ କରିଥିବା ବେଳେ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲ'ର ଡିନ୍ ପ୍ରଫେସର ଏସ୍.ଏ.କେ. ଆଜାଦ ସ୍ୱାଗତ ଭାଷଣ ଦେଇଥିଲେ। କଠିନ ପରିଶ୍ରମର ଅନ୍ୟ ବିକଳ୍ପ ନାହିଁ ବୋଲି ପ୍ରକାଶ କରି ନ୍ୟାୟମୂର୍ତ୍ତୀ ଦୀକ୍ଷିତ କହିଥିଲେ ଯେ ଭାରତର ପ୍ରସିଦ୍ଧ ଆଇନ ବିଶାରଦ ନନି ପାଲଖିୱାଲାଙ୍କ ଉଦାହରଣ ଅନୁକରଣୀୟ। ବମ୍ବେ ବିଶ୍ୱବିଦ୍ୟାଳୟରେ ଆଇନ ଅଧ୍ୟୟନ କରିବା ସମୟରେ ପାଲଖିୱାଲା କୁଳାଧିପତିଙ୍କୁ ଅନୁରୋଧ କରିଥିଲେ ଯେ ବିଶ୍ୱବିଦ୍ୟାଳୟର ପୁସ୍ତକାଗାର ସନ୍ଧ୍ୟା ୫ଟାରେ ବନ୍ଦ ହୋଇଯାଉଥିବାରୁ ତାଙ୍କର ଅଧ୍ୟୟନ ବାଧାପ୍ରାପ୍ତ ହେଉଛି। ତେଣୁ ଏହି ସମୟକୁ ବୃଦ୍ଧି କରିବାକୁ ସେ ପ୍ରାର୍ଥନା କରିଥିଲେ ଏବଂ ତାହା ଗୃହୀତ ହୋଇଥିଲା। ଏହି ଅଧ୍ୟୟନ ହିଁ ତାଙ୍କୁ ଦେଶର ଜଣେ ପ୍ରତିଷ୍ଠିତ ଆଇନ ବିଶାରଦରେ ପରିଣତ କରିଥିଲା। ମାତ୍ର କେବଳ କଠିନ ପରିଶ୍ରମ ଯଥେଷ୍ଟ ନୁହେଁ ଯଦି ଜଣେ ନିଜର ଲକ୍ଷ୍ୟସ୍ଥଳ ବିଷୟରେ ନ ଜାଣେ। ଆଇନ ଏକ ବ୍ୟବସାୟ ନୁହେଁ ମାତ୍ର ଏକ ମହାନ ବୃତି ଅଟେ। ତେଣୁ ଏହି ବୃତିରେ ପାଦ ଥାପିବାକୁ ଯାଉଥିବା ଛାତ୍ରଛାତ୍ରୀମାନେ ନୈତିକ ଆଚରଣ କରିବା ଆବଶ୍ୟକ ବୋଲି ନ୍ୟାୟମୂର୍ତ୍ତୀ ଦୀକ୍ଷିତ କହିଥିଲେ। ଏହି ବୃତିରେ ଯୋଗ ଦେଇଥିବା ଛାତ୍ରଛାତ୍ରୀମାନେ କେବେ ମଧ ନ୍ୟାୟକୁ ବିଳମ୍ବିତ ପ୍ରତ୍ୟାଖ୍ୟାତ ଅବା ବିକ୍ରୀ ହେବାକୁ ଦେବେ ନାହିଁ ବୋଲି ସେ କହିଥିଲେ। ଛାତ୍ରଛାତ୍ରୀମାନେ ବିଭିନ୍ନ ପୁସ୍ତକ ଅଧ୍ୟୟନ କରିବାର ଆବଶ୍ୟକତା ଉପରେ ମନ୍ତବ୍ୟ ଦେଇ ସେ କହିଥିଲେ ଯେ କୌଣସି ଗୋଟିଏ ପୁସ୍ତକ ଉପରେ ନିର୍ଭରଶୀଳ ହେବା ଦେଶର ବା ସଂସ୍କୃତିର ପରିଚାୟକ ନୁହେଁ। ଗୀତା ପ୍ରକାଶ କରେ ଯେ ଜ୍ଞାନ ଆହରଣ ଠାରୁ ଅଧିକ ଉତ୍ସର୍ଗୀକୃତ ବିଷୟ କିଛି ନାହିଁ ବୋଲି ସେ କହିଥିଲେ।

**ଅଖିଳ ଭାରତୀୟ ଚିକିତ୍ସା ବିଜ୍ଞାନ ସଂସ୍ଥାନ**
**ଅନସାରୀ ନଗର, ନୂଆଦିଲ୍ଲୀ-୧୧୦୦୨୯**
**ପରୀକ୍ଷା ବିଭାଗ**

**ପ୍ରବେଶ ନୋଟିସ୍ ସଂଖ୍ୟା. ୩୨୧/୨୦୨୫**

ଏଫ୍.ନଂ.ଏଆଇଆଇଏମ୍ଏସ୍/ପରୀକ୍ଷା ବିଭାଗ /ଏଡିଭିଟି /୪-୫/(ଆଇଏନ୍ଆଇ-ସିଇଟି-ପିଜି-ଜାନୁଆରୀ-୨୬) / ୨୦୨୫ ୩୦.୦୯.୨୦୨୫

**ଜାନୁଆରୀ ୨୦୨୬ ଅଧିବେଶନ ପାଇଁ ପିଜି ପାଠ୍ୟକ୍ରମରେ ପ୍ରବେଶ ନିମିତ୍ତ ଆଇଏନ୍ଆଇ-ସିଇଟି**

ଜାନୁଆରୀ ୨୦୨୬ ଅଧିବେଶନରେ ଜାତୀୟ ଗୁରୁତ୍ୱ ପ୍ରତିଷ୍ଠାନ ମିଳିତ ପ୍ରବେଶିକା ପରୀକ୍ଷା (ଆଇଏନ୍ଆଇ-ସିଇଟି) ନିମିତ୍ତ ଏଆଇଆଇଏମ୍ଏସ୍, ନୂଆଦିଲ୍ଲୀ ଏବଂ ଅନ୍ୟାନ୍ୟ ଏଆଇଆଇଏମ୍ଏସ୍, ଜିପମର୍ ପୁଡୁଚେରୀ, ନିମାନ୍ସ ବେଙ୍ଗାଲୁରୁ, ପିଜିଆଇଏମ୍ଇଆର ଚଣ୍ଡିଗଡ଼ ଏବଂ ଏସ୍ସିଟିଆଇଏମ୍ଏସ୍ଟି ତ୍ରିଭେନ୍ଦ୍ରମର ପିଜି ପାଠ୍ୟକ୍ରମ [ଏମ୍ଡି/ଏମ୍ଏସ୍/ଏମ୍.ସିଏଚ୍ (୬ ବର୍ଷ)/ଡିଏମ୍ (୬ ବର୍ଷ) / ଏମ୍ଡିଏସ୍] ରେ ପ୍ରବେଶ ପାଇଁ ଏଆଇଆଇଏମ୍ଏସ୍, ନୂଆଦିଲ୍ଲୀ ଅନଲାଇନ୍‌ରେ ଆବେଦନ ଆମନ୍ତ୍ରଣ କରୁଛି :-

| ଆବେଦନ ପାଇଁ ଅନଲାଇନ୍ ପଞ୍ଜିକରଣ | ଆରମ୍ଭ ତାରିଖ | ଶେଷ ତାରିଖ |
| --- | --- | --- |
| ଆବେଦନ ପାଇଁ ଅନଲାଇନ୍ ପଞ୍ଜିକରଣ | ୩୦.୦୯.୨୦୨୫ | ୨୧.୧୦.୨୦୨୫ (ସନ୍ଧ୍ୟା ୫ଟା ସୁଦ୍ଧା) |
| ପଞ୍ଜିକରଣର ସ୍ଥିତି ଏବଂ ପ୍ରତ୍ୟାଖ୍ୟାନ ହୋଇଥିବା ଚିତ୍ର / ଭୁଲ ପଞ୍ଜିକରଣ ବିବରଣୀ ସଂଶୋଧନର ଶେଷ ତାରିଖ | ୨୪.୧୦.୨୦୨୫ | ୨୬.୧୦.୨୦୨୫ (ସନ୍ଧ୍ୟା ୫ଟା ସୁଦ୍ଧା) |
| ଏଆଇଆଇଏମ୍ଏସ୍ ୱେବସାଇଟରେ ଆଡମିଟ୍ କାର୍ଡ ଅପଲୋଡ୍ କରିବ | ୦୧ ନଭେମ୍ବର, ୨୦୨୫ (ଶନିବାର) | |
| ପରୀକ୍ଷା ତାରିଖ | ୦୯ ନଭେମ୍ବର, ୨୦୨୫ (ରବିବାର) | |

ସମସ୍ତ ସଦ୍ୟତମ ଅପଡେଟ୍ ଏବଂ ବିସ୍ତୃତ ସୂଚନା ପାଇଁ ଦୟାକରି ନିୟମିତ ଭାବରେ www.aiimsexams.ac.in ୱେବସାଇଟ୍ ପରିଦର୍ଶନ କରନ୍ତୁ।

PAAR
cbc 17112/112/0039/2526

ଆସିଷ୍ଟାଣ୍ଟ କଣ୍ଟ୍ରୋଲର୍ (ପରୀକ୍ଷା)

ଭୁବନେଶ୍ୱର
୧୪ ଅକ୍ଟୋବର,
ମଙ୍ଗଳବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ନୀତି

# ସନ୍ଧ୍ୟା ୬ଟାରୁ ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

**ପୁରୀ ୧୩/୧୦ ନ୍ୟୁଜ ବ୍ୟୁରୋ**

ବୁଧବାର କାର୍ତ୍ତିକ କୃଷ୍ଣ ପକ୍ଷ ନବମୀ ତିଥିରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ । ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଦ୍ୱିତୀୟ ଭୋଗ ମଣ୍ଡପ ପରେ ଦତ୍ତ ମହାପାତ୍ର ସେବାୟତମାନେ ରତ୍ନବେଦୀରେ ମହାପ୍ରଭୁଙ୍କ ଏହି ଗୁପ୍ତ ନୀତି ଆରମ୍ଭ କରିବେ। ବନକଲାଗି ନୀତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ଏହା ଏକ ଗୁପ୍ତ ସେବା ହୋଇଥିବାରୁ ପ୍ରାୟ ୫ ଘଣ୍ଟା ଧରି ସର୍ବସାଧାରଣ ଦର୍ଶନ ବନ୍ଦ



ରହିବ। ପ୍ରଥା ଓ ପରମ୍ପରା ଅନୁଯାୟୀ, ମହାପ୍ରଭୁଙ୍କ ଶ୍ରୀମୁଖକୁ ବିଭିନ୍ନ ପ୍ରାକୃତିକ ରଙ୍ଗରେ ସଜ୍ଜିତ କରାଯିବ। ଏଥିପାଇଁ ଆବଶ୍ୟକ ହେଙ୍ଗୁଳ, ହରିତାଳ, କର୍ପୁର ଓ କସ୍ତୁରୀ ବ୍ୟବହାର କରାଯାଇ ଦତ୍ତ ମହାପାତ୍ର ସେବାୟତମାନେ ଏହି ନୀତି ସମ୍ପନ୍ନ କରିବେ। ବନକ ଲାଗି ବା ଶ୍ରୀମୁଖ ଶୃଙ୍ଗାର ଦ୍ୱାରା ଶ୍ରୀଜୀଉଙ୍କ ମୁଖ ମଣ୍ଡଳ ଅଧିକ ସୁନ୍ଦର ଓ ଆକର୍ଷଣୀୟ ଦେଖାଯାଇଥାଏ।

# ପୁରୀ ଯିବା ରାସ୍ତାରେ ପଇଡ଼ ପିଇଲେ ମୁଖ୍ୟମନ୍ତ୍ରୀ

**ପୁରୀ ୧୩/୧୦**
**ନ୍ୟୁଜ ବ୍ୟୁରୋ**

ପୁରୀ ଯିବା ବାଟରେ ସତ୍ୟବାଦୀ ନିକଟରେ ପଇଡ଼ ପିଇଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପଇଡ଼ ପିଇବା ବେଳେ ବ୍ୟବସାୟୀ ଶ୍ରୀଧର ମହାପାତ୍ର ସହ କଥା ହୋଇଥିଲେ ମୁଖ୍ୟମନ୍ତ୍ରୀ । ବ୍ୟବସାୟ କିପରି ଚାଲିଛି ବୋଲି ପଚାରି ବୁଝିଥିଲେ ମୁଖ୍ୟମନ୍ତ୍ରୀ। ସେପଟେ ବର୍ଷା ହେଉଥିବାରୁ ବେପାର କମ୍ ହେଉଛି ବୋଲି ଶ୍ରୀଧର କହିଥିଲେ। ମହାବାତ୍ୟା ପରଠୁ ସାକ୍ଷୀଗୋପାଳରେ ନଡ଼ିଆ ଉତ୍ପାଦନ କମିଛି । ୧୯୯୯ ମହାବାତ୍ୟାରେ ଅନେକ ଗଛ ମରିଯାଇଛି । ଅନ୍ୟପଟେ ମୁଖ୍ୟମନ୍ତ୍ରୀ ପଇଡ଼ ପିଇବା ପରେ ଶ୍ରୀଧରଙ୍କୁ ପ୍ରଶଂସା କରିବା ସହିତ ଦୁଇଟି ୫ଶହ




ଟଙ୍କିଆ ନୋଟ୍ ବଢ଼ାଇ ଦେଇଥିଲେ। ସୂଚନା ଅନୁଯାୟୀ, ସୋମବାର ମଧ୍ୟାହ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀ ଯାଇ ସେଠାରେ ସେ ପ୍ରଥମେ ଶ୍ରୀସଦାଶିବ ପରିସରରେ ଆୟୋଜିତ ରାଷ୍ଟ୍ରୀୟ ଶିକ୍ଷା ନୀତି-୨୦୨୦ ସନ୍ଦର୍ଭରେ ଭାରତୀୟ ଜ୍ଞାନ ପରମ୍ପରା କାର୍ଯ୍ୟକ୍ରମରେ ଯୋଗଦାନ କରିବେ।

# ବିଜେଡ଼ିର ଜନସଂପର୍କ ପଦଯାତ୍ରାରେ ସାମିଲ ହେବେ ସୁପ୍ରିମୋ ନବୀନ ପଟ୍ଟନାୟକ

**ଭୁବନେଶ୍ୱର ୧୩/୧୦**
**ନ୍ୟୁଜ ବ୍ୟୁରୋ**

ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଆରମ୍ଭ ହୋଇଥିବା ଜନସଂପର୍କ ପଦଯାତ୍ରାରେ ସାମିଲ ହେବେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ । ସେ ତାଙ୍କର ଜନ୍ମଦିନରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ନେତା ଅଶୋକ ପଣ୍ଡା ଏପରି ସୂଚନା ଦେଇଛନ୍ତି । ଅକ୍ଟୋବର ୧୬ ତାରିଖରେ ନବୀନଙ୍କ ଜନ୍ମଦିନ । ସେହି ଦିନ ସକାଳେ ସେ ବିଜେଡିର



ଜନସଂପର୍କ ପଦଯାତ୍ରାରେ ଯୋଗ ଦେବେ। ଭୁବନେଶ୍ୱରର ଗଙ୍ଗନଗରରେ ଥିବା ବିଜୁ ଆଦର୍ଶ କଲୋନୀରେ ଏହି ପଦଯାତ୍ରା ହେବ। ସେଠାରେ ପିଲାଙ୍କ ସହ ସମୟ ବିତାଇବା ସହ ମିଠା ବାଣ୍ଟିବେ। ଏହାପରେ ନବୀନ ଏସ୍ଓଏସ୍ ଭିଲେଜ୍ ଯିବେ । ଏଠାରେ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରିବେ । ସାରା ରାଜ୍ୟରେ ନିରାଡ଼ମ୍ବର ଭାବେ ନବୀନଙ୍କ ଜନ୍ମଦିନ ପାଳନ କରାଯିବ। ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀରୁ ବିଜେଡିର ଜନସଂପର୍କ ପଦଯାତ୍ରା ଆରମ୍ଭ ହୋଇଛି । ରାଜ୍ୟର ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମ ଚାଲିଛି । ଏହି ଅବସରରେ ଶ୍ରୀ ପଟ୍ଟନାୟକ ଗଙ୍ଗନଗରଠାରେ ଏହି ପଦଯାତ୍ରା କରିବେ ବୋଲି ଶ୍ରୀ ପଣ୍ଡା କହିଛନ୍ତି ।

## ସୁପ୍ରିମକୋର୍ଟଙ୍କ ବଡ଼ ରାୟ

# ଭରଣପୋଷଣ ନ ଦେଲେ ବାପାଙ୍କ ସମ୍ପତ୍ତି ଫେରାଇବେ ପୁଅ

**ନୂଆଦିଲ୍ଲୀ, ୧୩/୧୦**

ଏବେ ବାପାଙ୍କ ସମ୍ପତ୍ତି ଫେରାଇବାକୁ ପୁଅ ବାଧ ହେବେ । ବାପା, ମା' ଭରଣପୋଷଣ ଦାୟିତ୍ୱରେ ଉଲଙ୍ଘନ ହେଲେ ସନ୍ତାନଙ୍କୁ ସମ୍ପତ୍ତିରୁ ବହିଷ୍କାର କରିବାକୁ କୋର୍ଟଙ୍କର ପୂର୍ଣ୍ଣ ଅଧିକାର ଅଛି । ସୁପ୍ରିମକୋର୍ଟ ଜଣେ ୮୦ ବର୍ଷୀୟ ବୃଦ୍ଧଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି । ତାଙ୍କ ପୁଅକୁ ବାପାଙ୍କ ସମ୍ପତ୍ତି ଖାଲି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଚାରପତି ବିକ୍ରମ ନାଥ ଏବଂ ବିଚାରପତି ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ ବୃଦ୍ଧ ବ୍ୟକ୍ତିଙ୍କ ଆବେଦନ ଉପରେ ଏପ୍ରିଲରେ ହୋଇଥିବା ବମ୍ବେ ହାଇକୋର୍ଟର ନିଷ୍ପତ୍ତିକୁ ଖାରଜ କରିଛନ୍ତି । ଯେଉଁଥିରେ ପୁଅକୁ ତାଙ୍କ ବାପାଙ୍କ ସମ୍ପତ୍ତି ଫେରାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସୁପ୍ରିମକୋର୍ଟ ତାଙ୍କ ଆଦେଶରେ କହିଛନ୍ତି ଯେ, ବାପା-ମା' ଏବଂ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ କଲ୍ୟାଣ ଆଇନ, ୨୦୦୭ରେ ଅନୁଯାୟୀ, ବୟସ୍କ ଲୋକଙ୍କ ଭରଣପୋଷଣ ପାଇଁ ଦାୟିତ୍ୱ ଉଲ୍ଲଂଘନ ହେଲେ ଟ୍ରିବ୍ୟୁନାଲ କୋର୍ଟଙ୍କୁ ବରିଷ୍ଠ ନାଗରିକଙ୍କ ସମ୍ପତ୍ତିରୁ ସନ୍ତାନ କିମ୍ବା ସମ୍ପର୍କୀୟଙ୍କୁ ବହିଷ୍କାର କରିବାକୁ ନିର୍ଦ୍ଦେଶ ଦେବାର ଅଧିକାର ଅଛି । ୨୦୦୭ ଆଇନକୁ ଅଧିନରେ ସୁପ୍ରିମକୋର୍ଟ କହିଛନ୍ତି ଯେ, ଏହି ଆଇନଟି ବୟସ୍କ ବ୍ୟକ୍ତିଙ୍କ ଦୁଃଖଦୁର୍ଦ୍ଦଶା ଦୂର କରିବା ଏବଂ ସେମାନଙ୍କର ଯତ୍ନ ଓ ସୁରକ୍ଷା ଯୋଗାଇବା ପାଇଁ ପ୍ରଣୟନ କରାଯାଇଥିଲା । କୋର୍ଟ କହିଛନ୍ତି, ଯଦି ଜଣେ ବରିଷ୍ଠ ନାଗରିକଙ୍କୁ ଭରଣପୋଷଣ କରିବାର ଦାୟିତ୍ୱ ଉଲ୍ଲଂଘନ ହୁଏ, ତେବେ ଟ୍ରିବ୍ୟୁନାଲ୍ କୋର୍ଟ ବରିଷ୍ଠ ନାଗରିକଙ୍କ ସମ୍ପତ୍ତିରୁ ସନ୍ତାନ କିମ୍ବା ସମ୍ପର୍କୀୟଙ୍କୁ ବହିଷ୍କାର କରିବାକୁ ନିର୍ଦ୍ଦେଶ ଦେବାର ପୂର୍ଣ୍ଣ ଅଧିକାର ରଖିଛି ।' ସୁପ୍ରିମକୋର୍ଟଙ୍କ ସେପ୍ଟେମ୍ବର ୧୨ ଆଦେଶରେ କୁହାଯାଇଛି ଯେ, ଆର୍ଥିକ ଦୃଷ୍ଟିରୁ ସଶକ୍ତ ହେବା ସତ୍ତ୍ୱେ ପୁଅ ତାଙ୍କ ବାପାଙ୍କୁ ନିଜ ସମ୍ପତ୍ତିରେ ରହିବାକୁ ଅନୁମତି ନ ଦେଇ ବୈଧାନିକ ଦାୟିତ୍ୱ ଉଲ୍ଲଂଘନ କରିଛନ୍ତି । କୋର୍ଟ ଉଲ୍ଲେଖ କରିଛନ୍ତି ଯେ, ଆବେଦନକାରୀଙ୍କ ବୟସ ପ୍ରାୟ ୮୦ ବର୍ଷ, ତାଙ୍କ ସ୍ତ୍ରୀଙ୍କ ବୟସ ୭୮ ଏବଂ ସେମାନଙ୍କର ତିନୋଟି ସନ୍ତାନ ଅଛନ୍ତି । ତାଙ୍କ ବଡ଼ ପୁଅ ଜଣେ ବ୍ୟବସାୟୀ। କୋର୍ଟ ଉଲ୍ଲେଖ କରିଛନ୍ତି ଯେ, ଆବେଦନକାରୀ ମୁମ୍ବାଇରେ ଦୁଇଟି ସମ୍ପତ୍ତି କିଣିଛନ୍ତି। ସେ ପିଲାଙ୍କ ପାଖରେ ତାଙ୍କ ସମ୍ପତ୍ତି ଛାଡ଼ି ସ୍ତ୍ରୀଙ୍କ ସହିତ ଉତ୍ତରପ୍ରଦେଶରେ ରହୁଛନ୍ତି । ଖଣ୍ଡପୀଠ ଆହୁରି ଉଲ୍ଲେଖ କରିଛନ୍ତି ଯେ, ବଡ଼ ପୁଅ ସମ୍ପତ୍ତିଗୁଡ଼ିକୁ ଦଖଲ କରିନେଇଛି ଏବଂ ସେଠାରେ ତାଙ୍କ ବାପାଙ୍କୁ ରହିବାକୁ ଅନୁମତି ଦେଉନାହିଁ ।

# ଆସୁଛନ୍ତି ଅଲିଭ ରିଡ୍ଲେ : ନଭେମ୍ବର ୧ରୁ ଧାମରା-ଗହୀରମଥାରେ ମାଛଧରା ବନ୍ଦ

**ଧାମରା, ୧୩/୧୦**
**ନ୍ୟୁଜ ବ୍ୟୁରୋ**

ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ବଙ୍ଗୋପସାଗର ଗହୀରମଥା ଅଞ୍ଚଳ ସାମୁଦ୍ରିକ କଇଁଛ ଅଲିଭ ରିଡ୍ଲେଙ୍କ ତୀର୍ଥସ୍ଥଳୀ। ଅଲିଭ ରିଡ୍ଲେ ଯୋଜନ ଯୋଜନ ସାମୁଦ୍ରିକ ପଥ ଅତିକ୍ରମ କରି ଗହୀରମଥାର ନିଷିଦ୍ଧ ଜଳରାଶିରେ ପାଦ ଥାପିବେ। ଆସୁଥିବା ଆଗନ୍ତୁକ ଅତିଥି ଅଲିଭ ରିଡ୍ଲେଙ୍କ ସୁରକ୍ଷା ଓ ନିରାପଦ ପ୍ରଜନନ ପ୍ରକ୍ରିୟାକୁ ଆଖି ଆଗରେ ରଖି ଧାମରା ଠାରୁ ଗହୀରମଥା ଯାଏ ବନବିଭାଗ ତରଫରୁ ବ୍ୟାପକ କଟକଣା ବ୍ୟବସ୍ଥା କରାଯାଉଛି । ବିରଳ ଅଲିଭ ରିଡ୍ଲେ କଇଁଛଙ୍କ ଏନ୍ତୁଡ଼ିଶାଳଭାବେ ସମଗ୍ର ବିଶ୍ୱରେ



ପ୍ରସିଦ୍ଧିଲାଭ କରିଥିବା ୧୪୩୭ ବର୍ଗ କିଲୋମିଟର ପରିମିତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ସମେତ ଧାମରା ମୁହାଁଣରୁ ଗହୀରମଥା ଯାଏ ୧୬୦ କିଲୋମିଟର ପର୍ଯ୍ୟନ୍ତ ଲାଗିବ କଟକଣା । ନଭେମ୍ବର ୧ ତାରିଖରୁ ମଇ ମାସ ୩୧ ତାରିଖ ଯାଏଁ ୭ ମାସ ଧରି ମାଛଧରା ଓ ଟ୍ରଲର ଚଳାଚଳ ଉପରେ କଟକଣା ଜାରି କରାଯାଇଛି ।
ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମଧ୍ୟରେ ବର୍ଷ ତମାମ ଟ୍ରଲର ଚଳାଚଳ ଓ ମାଛଧରା ଉପରେ ସଂପୂର୍ଣ୍ଣ ନିଷେଧାଜ୍ଞା ଥିବାବେଳେ କଇଁଛ ଋତୁ ନିମନ୍ତେ ମତ୍ସ୍ୟବିଭାଗ ପକ୍ଷରୁ ଧାମରା ମୁହାଁଣ ସମୁଦ୍ରକୂଳ ଠାରୁ ୨୦ କିମି ଯାଏଁ ଯନ୍ତ୍ରଚାଳିତ ଟ୍ରଲର, ବୋଟ୍, ଭୁଟୁଭୁଟି ଚଳାଚଳ ବନ୍ଦ ସହିତ ମାଛ ଧରା ଉପରେ କଟକଣା ଜାରି କରାଯାଇଛି ବୋଲି ଡିଏଫଓ ସୂଚନା ଦେଇଛନ୍ତି । ଏଥି ସହିତ ଏହି ବିରଳ ଅଲିଭ ରିଡ୍ଲେ କଇଁଛଙ୍କ ସୁରକ୍ଷା ପାଇଁ ବାବୁବାଲି ଓ ଅଗରନାଶିରେ ଦୁଇଟି ଅଫିସର ଓ ୧୪ଟି ସ୍ଥାନରେ ଟ୍ରଲର ପ୍ରୋଟେକ୍ସନ କ୍ୟାମ୍ପ କରାଯିବ। ବିରଳ ଅଲିଭ ରିଡ୍ଲେ କଇଁଛଙ୍କୁ ସୁରକ୍ଷା ଦେବା ପାଇଁ ବନବିଭାଗ ସମେତ କୋଷ୍ଟଗାର୍ଡ, ମେରାଇନ ପୁଲିସ, ମତ୍ସ୍ୟ ବିଭାଗ ପକ୍ଷରୁ ମିଳିତ ପାଟ୍ରୋଲିଂ ହେବ।

## ଓଡ଼ିଆ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲାରେ ମମତାଙ୍କୁ କଡ଼ା ସମାଲୋଚନା କଲେ ପ୍ରଭାତୀ

# ନ୍ୟାୟ ଦେବାରେ ଲିଙ୍ଗଭିତ୍ତିକ ଅସମାନତା ଅଶୋଭନୀୟ

**ଭୁବନେଶ୍ୱର ୧୩/୧୦**
**ନ୍ୟୁଜ ବ୍ୟୁରୋ**

ପଶ୍ଚିମବଙ୍ଗରେ ଓଡ଼ିଆ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲା। ମମତା ବାନାର୍ଜୀଙ୍କୁ କଡ଼ା ସମାଲୋଚନା କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। କହିଲେ ମହିଳାଙ୍କୁ ନିରାଶ କରିଛି ମମତା ବାନାର୍ଜୀଙ୍କ ଭଳି ଜଣେ ମହିଳା ନେତୃତ୍ୱ। ଦିଦି ନାମରେ ପରିଚୟ ପ୍ରାପ୍ତ ଜଣେ ମହିଳା ମୁଖ୍ୟମନ୍ତ୍ରୀଙ୍କ ମୁହଁରୁ -'ରାତିରେ ଝିଅମାନେ ବାହାରକୁ ଆସିବା ଉଚିତ ନୁହେଁ ମନ୍ତବ୍ୟ ଠିକ୍ ନୁହେଁ। କେବଳ ମୋତେ ନୁହେଁ ପଶ୍ଚିମ ବଙ୍ଗାଳରେ ଥିବା ଚାରିକୋଟି ନବେ ଲକ୍ଷ ମହିଳାମାନଙ୍କୁ ଏହି ବୟାନ ଆଶ୍ଚର୍ଯ୍ୟ ଓ ଅପମାନିତ କରିଛି। ଉପମୁଖ୍ୟମନ୍ତ୍ରୀ ପୁଣି ଲେଖିଛନ୍ତି ଯେ, ପୀଡ଼ିତାକୁ ନ୍ୟାୟ ଦେବା ବଦଳରେ ଲିଙ୍ଗଭିତ୍ତିକ ଅସମାନତା ଆଣିବା, ଝିଅମାନଙ୍କ ଅଧିକାର ଉପରେ ପ୍ରଶ୍ନ ଉଠାଇବାର ଅଧିକାର ମୁଖ୍ୟମନ୍ତ୍ରୀଙ୍କର ନାହିଁ। ଆଉ ଯଦି ଓଡ଼ିଆ ଝିଅ ପୀଡିତା ବୋଲି ଦରଦ ନାହିଁ ଓଡ଼ିଶା ସରକାରଙ୍କୁ ଲେଖି ଦିଅନ୍ତୁ। ଆମ ପିଲାଙ୍କ କଥା ତୁମ ରାଜ୍ୟରେ ବି ଆମେ ବୁଝିପାରିବୁ। ଲଜ୍ଜାବୋଧ ନ ରହିବା ଅତ୍ୟନ୍ତ ନିନ୍ଦନୀୟ। ମହିଳା ମୁଖ୍ୟମନ୍ତ୍ରୀଙ୍କ ପାଖରୁ ଯଦି ସମବେଦନା, ସୁରକ୍ଷା, ଅଧିକାର ଝିଅମାନେ ଆଶା କରିବେନି ତାହାହେଲେ କରିବେ କାହାଠାରୁ ? ସୂଚନା ଥାଉକି, ପଶ୍ଚିମବଙ୍ଗର ଦୁର୍ଗାପୁରରେ ଜଣେ ଓଡ଼ିଆ ଏମ୍‌ବିବିଏସ୍ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲା ସାରା ଦେଶରେ ଗଭୀର ଆଲୋଡ଼ନ ସୃଷ୍ଟି କରିଛି। ଏହି ସମୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଏଭଳି ବିବାଦୀୟ ମନ୍ତବ୍ୟ ମହିଳାମାନଙ୍କୁ ନିରାଶ କରିଛି। 'ରାତିରେ ଝିଅମାନେ ବାହାରକୁ ଆସିବା ଉଚିତ ନୁହେଁ, ସେମାନେ ନିଜକୁ ମଧ୍ୟ ସୁରକ୍ଷା ଦେବା ଦରକାର'ବୋଲି ମମତା କହିଛନ୍ତି । ଏଭଳି ବୟାନକୁ ବିଭିନ୍ନ ମହଲ କଡ଼ା ସମାଲୋଚନା କରୁଛି। ଅପର ପକ୍ଷରେ ଏହି ମାମଲାରେ ପୁଲିସ ଏପର୍ଯ୍ୟନ୍ତ ୪ ଜଣଙ୍କୁ ଗିରଫ କରିଛି। ଆଉ ଜଣେ ଜହ୍ଲାଦ ଫେରାର୍ ଅଛି। ସମସ୍ତ ଅଭିଯୁକ୍ତ ନିକଟସ୍ଥ ଗାଁର ବାସିନ୍ଦା। ପୁଲିସ କହିଛି କି ଅଭିଯୁକ୍ତଙ୍କ ପାଖରେ ପୀଡ଼ିତାଙ୍କର ମୋବାଇଲ ଫୋନ୍ ଥିଲା। ସେଥିରୁ କଲ୍ କରାଯାଇଥିଲା। ଫଳରେ ଟାୱାର ଲୋକେସନ ଆଧାରରେ ସେମାନଙ୍କୁ ଧରାଯାଇଛି। ଅଭିଯୁକ୍ତଙ୍କୁ ୧୦ ଦିନିଆ ପୁଲିସ ରିମାଣ୍ଡରେ ନେଇଛି। ପୀଡ଼ିତାଙ୍କ ପୁରୁଷ ବନ୍ଧୁଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି ।ଅନ୍ୟ ଫେରାର ଅଭିଯୁକ୍ତକୁ ଧରିବା ଲାଗି ଉଦ୍ୟମ ଜାରି ରହିଥିବା ପୁଲିସ କହିଛି ।

# ସ୍ୱାସ୍ଥ୍ୟକେନ୍ଦ୍ରର ପରିତ୍ୟକ୍ତ ଶୌଚାଳୟରୁ ୩ କଙ୍କାଳ ଜବତ

**ପାଟଣାଗଡ, ୧୩/୧୦ ନ୍ୟୁଜ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଥାନା ଅଧୀନସ୍ଥ ଭଇଁଷା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ର ଏକ ପରିତ୍ୟକ୍ତ ଶୌଚାଳୟ ଭିତରୁ ତିନୋଟି କଙ୍କାଳ ପୋଲିସ ଜବତ କରିଛି। ଏହି ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ଖବର ପାଇ ସ୍ଥାନୀୟ ପୋଲିସ ଓ ବଲାଙ୍ଗୀର ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଏକ ମାମଲା ରୁଜୁ କରି ତଦନ୍ତ କରିଥିଲେ। କିଛି ସମୟ ପରେ ତଦନ୍ତକାରୀ ଟିମ୍ ଓ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଏହା ମଣିଷର କଙ୍କାଳ ନୁହେଁ, ମାଙ୍କଡ଼ର କଙ୍କାଳ ବୋଲି ଜଣା ପଡୁଥିବା କହିଥିଲେ।

## ଏଥର ୭ ନୁହେଁ ୯ ଦିନ ହେବ ଭଦ୍ରକ କାଳୀପୂଜା

## ପୂଜା ମଣ୍ଡପ ଗୁଡ଼ିକୁ ୫୦ ହଜାର ଟଙ୍କାର ସହାୟତା ରାଶି ଘୋଷଣା

**ଭଦ୍ରକ ୧୩/୧୦ ନ୍ୟୁଜ ବ୍ୟୁରୋ**

ଭଦ୍ରକର ପ୍ରସିଦ୍ଧ କାଳୀପୂଜାକୁ ନେଇ ଲାଗି ରହିଥିବା ବିବାଦରେ ଅନ୍ତ ଘଟିଛି। ଏଥର ୭ ନୁହେଁ ୯ ଦିନ ହେବ ଭଦ୍ରକ କାଳୀପୂଜା। ପୂଜାକୁ ଆଉ ଦୁଇ ଦିନ ବୃଦ୍ଧି କରାଯାଇଛି। ଯାହାକୁ ନେଇ ଭଦ୍ରକରେ ଉତ୍ସାହ ବଢ଼ିଛି। ପୂର୍ବରୁ ୭ଦିନ ପାଳନ ନେଇ ନିଷ୍ପତ୍ତି ହୋଇଥିବା ବେଳେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏହି ସୂଚନା ସୋସିଆଲ ମିଡ଼ିଆରେ ଦେଇଛନ୍ତି। ଭଦ୍ରକ କାଳୀପୂଜା ପାଇଁ ପୂଜା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ବର୍ଷ ଧରି ପାଳିତ ହୋଇ ଆସୁଥିବା ଭଦ୍ରକର କାଳୀପୂଜାକୁ ଏଥର



ଆହୁରି ଭବ୍ୟ ଓ ଦିବ୍ୟ କରାଯିବ। ଏଥିଲାଗି ପୂଜା ମହୋତ୍ସବର ସମୟସୀମା ୭ ଦିନରୁ ୯ ଦିନକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ହୋଇଛି। ଅକ୍ଟୋବର ୨୯ରେ ଭସାଣ ଉତ୍ସବ ଲାଗି ସ୍ଥିର କରାଯାଇଛି। ଏହାସହ ସଂସ୍କୃତି ବିଭାଗ ପକ୍ଷରୁ ପୂଜା ମଣ୍ଡପକୁ ୫୦ ହଜାର ଟଙ୍କା ସହାୟତା ରାଶି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଲାଗି ଟ୍ରୁପ ଯୋଗାଇ ଦିଆଯିବାକୁ ନିଷ୍ପତ୍ତି ହୋଇଛି। ଦିବ୍ୟାଙ୍ଗଙ୍କ ସୁବିଧା ଲାଗି ସହରର ଗୋଟିଏ ସ୍ଥାନରେ ଭର୍ଚୁଆଲ ମାଧ୍ୟମରେ କାଳୀପୂଜା ଦର୍ଶନର ବ୍ୟବସ୍ଥା କରାଯାଇଛି। ଅନୁଷ୍ଠିତ ବୈଠକରେ ଭଦ୍ରକ ବିଧାୟକ, ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ଭଦ୍ରକ ସାଂସଦ ପ୍ରମୁଖ ଉପସ୍ଥିତ ଥିଲେ।

# ଅପରାଧୀଙ୍କ କବ୍ଜାରେ ରାଜଧାନୀ : ୨ ଜଣଙ୍କୁ ହତ୍ୟା, ଜଣେ ଗୁରୁତର



**ଭୁବନେଶ୍ୱର, ୧୩/୧୦**

ବଢୁଛି ଅପରାଧିକ କାର୍ଯ୍ୟକଳାପ। ଅସୁରକ୍ଷିତ ହୋଇପଡିଛି ରାଜଧାନୀ ଭୁବନେଶ୍ୱର। ଚନ୍ଦ୍ରଶେଖରପୁର ଅଞ୍ଚଳରେ ପୁଣି ଏକ ହତ୍ୟାକାଣ୍ଡ ଘଟିଯାଇଛି । ଜଣେ ଯୁବକଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି। ଏହାକୁ ନେଇ ସହରରେ ଚାଞ୍ଚଲ୍ୟ ଖେଳିଯାଇଛି। ସୋମବାର ସକାଳୁ ସକାଳୁ ଚନ୍ଦ୍ରଶେଖରପୁର ଇନଫୋସିଟି ଥାନା ଅଞ୍ଚଳରେ ଯୁବକଙ୍କ ମୃତ ଦେହ ପଡିଥିବା ଦେଖିବାକୁ ମିଳିଥିଲା । ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି। ରବିବାର ରାତିରେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି । ତେବେ ମୃତ ଯୁବକଙ୍କ ପରିଚୟ ଜଣା ପଡ଼ିନାହିଁ । ପୋଲିସ ଛାନଭିନ କରୁଛି । କିଏ ଓ କେଉଁ ପରିସ୍ଥିତିରେ ଯୁବକଙ୍କୁ ଏଭଳି ନିର୍ମମ ହତ୍ୟା କରିଛି ତା'ର ଖୋଳତାଡ଼ କରୁଛି ପୋଲିସ । ସେହିପରି ଏମ୍ସ ଭୁବନେଶ୍ୱରର ଜଣେ କର୍ମଚାରୀଙ୍କୁ ଗୋଡାଇ ଗୋଡାଇ ଗୁଳି କରିଛନ୍ତି ଦୁର୍ବୃତ୍ତ। ମୃତକ ହେଲେ ଭୁବନେଶ୍ୱର ଏମ୍ସରେ କାର୍ଯ୍ୟରତ ଲ୍ୟାବ ଆସିଷ୍ଟାଣ୍ଟ ସୁଧାଂଶୁ ଖୁଣ୍ଟିଆ । ମୃତ ସୁଧାଂଶୁ ଖୁଣ୍ଟିଆ ସୋମବାର ଡ୍ୟୁଟିକୁ ଆସିବା ବେଳେ ତାଙ୍କ ଉପରକୁ ଗୁଳିମାଡ କରିଥିଲେ ଦୁର୍ବୃତ୍ତ। ଖଣ୍ଡଗିରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଜାଗାବାଡି ବିବାଦରୁ ଗୁଳିକରି ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି ମୃତକଙ୍କ ବାପା । ସୋମବାର ମୃତ ସୁଧାଂଶୁ ଖୁଣ୍ଟିଆ ଡ୍ୟୁଟିକୁ ଆସିବା ବେଳେ ତାଙ୍କ ଉପରକୁ କିଛି ଦୁର୍ବୃତ୍ତ ଗୋଡାଇ ଗୋଡାଇ ଗୁଳି କରିଥିଲେ । ୩ ରାଉଣ୍ଡ ଗୁଳିମାଡ କରିଥିଲେ। ଫଳରେ ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ ସୁଧାଂଶୁ ଖୁଣ୍ଟିଆ ଏମ୍ସ ନିକଟ ରଣସିଂହପୁର ଅଞ୍ଚଳରେ ରୁହନ୍ତି । ସେ ଏମ୍ସ ହସ୍ପିଟାଲରେ ଲ୍ୟାବ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟରତ ଥିଲେ । ଖବର ପାଇ ଖଣ୍ଡଗିରି ଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି । ଜାଗାବାଡି ବିବାଦରୁ ଗୁଳିମାଡ ହୋଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ସେପଟେ ଏମ୍ସରେ ତାଙ୍କର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଗୁଳିମାଡକୁ ନେଇ ମୃତ ସୁଧାଂଶୁଙ୍କ ବାପା ପଠାଣି ଖୁଣ୍ଟିଆ କହିଛନ୍ତି, 'ଏହି ଘଟଣା ଘଟିଛି ସୋମବାର ସକାଳ ପାଖାପାଖି ୯ଟା ସମୟରେ । ପୁଅ ଘରୁ ଖାଇକି ହସ୍ପିଟାଲ ଡ୍ୟୁଟି ଆସୁଥିଲା । ଅଧା ବାଟରେ ଅର୍ଥାତ୍ ସରକନ୍ତରା ନିକଟରେ ଗୁଳି କରିଛନ୍ତି ।' ସୁଧାଂଶୁଙ୍କ ଦାଦା ପୁଅ ଭାଇ ଜାଗାବାଡି ବିବାଦରୁ ଗୁଳିମାଡ କରିଥିବା ଅଭିଯୋଗ ଆଣିଛନ୍ତି ମୃତକଙ୍କ ବାପା ପଠାଣି ଖୁଣ୍ଟିଆ । ସେ କହିଛନ୍ତି, 'ମୋ ସାନ ଭାଇର ପୁଅ (ଶିବା) ଗୁଳିମାଡ କରିଥିବା ସନ୍ଦେହ କରୁଛୁ। ଜାଗାବାଡିକୁ ନେଇ ଗୁଳିମାଡ କରିଥିବେ। ଦୋଷୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ। ଏତିକି ଆମର ଦାବି ।' ସେହିପରି ଭୁବନେଶ୍ୱର ରେଳ ଷ୍ଟେସନରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ଶିକ୍ଷକ ଜଣଙ୍କ ରାୟଗଡ଼ାର ବାସିନ୍ଦା ହୋଇଥିବା ସୂଚନା ମିଳିଛି। ସୂଚନାନୁଯାୟୀ, ରାୟଗଡ଼ାର ଶିକ୍ଷକ ଦ୍ୱିତୀଚନ୍ଦ୍ର ସାହୁ ସୋମବାର ସରକାରୀ କାର୍ଯ୍ୟରେ ଭୁବନେଶ୍ୱର ଆସିଥିଲେ । ଭୁବନେଶ୍ୱର ରେଳ ଷ୍ଟେସନ ନିକଟରେ ସେ ଚାଲିଚାଲି ଯାଉଥିବା ବେଳେ କେହି ଅଜଣା ଦୁର୍ବୃତ୍ତ ତାଙ୍କୁ କାଠ ଫାଳିଆରେ ଆକ୍ରମଣ କରିଥିଲା। ଫଳରେ ଶିକ୍ଷକଙ୍କ ମୁଣ୍ଡ ଫାଟିଯାଇ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ମୁଣ୍ଡରେ ୧୨ଟି ଷ୍ଟିଚ୍ ପଡ଼ିଥିବା ହସ୍ପିଟାଲ କର୍ମଚାରୀ କହିଛନ୍ତି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ରାଜଧାନୀ ଅଶାନ୍ତ ନେଇ ନବୀନଙ୍କ ଉଦ୍‌ବେଗ




**ଭୁବନେଶ୍ୱର, ୧୩/୧୦**
**ନ୍ୟୁଜ ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱରରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ହତ୍ୟା, ରାହାଜାନୀ, ଚୋରି, ଦୁଷ୍କର୍ମ, ଆକ୍ରମଣ, ଲୁଟ୍ ଆଦି ସହରବାସୀଙ୍କୁ ଚିନ୍ତାରେ ପକାଇଛି। ଯାହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସୋମବାର ଗୋଟିଏ ଦିନରେ ୨ଟି ହତ୍ୟାକାଣ୍ଡ ସମେତ ଆକ୍ରମଣ ଏବଂ ଲୁଟ୍ ଘଟଣା ସହରବାସୀଙ୍କୁ ଭୟଭୀତ କରାଇଦେଇଛି । ଚନ୍ଦ୍ରଶେଖରପୁର ଅଞ୍ଚଳରେ ଯୁବକଙ୍କୁ ବୀଭତ୍ସ ହତ୍ୟା କରାଯାଇଛି। ସେହିପରି ଏମ୍ସର ଜଣେ କର୍ମଚାରୀଙ୍କୁ ବି ହତ୍ୟା କରାଯାଇଛି। ସୋମବାର ଏହି ଦୁଇଟି ହତ୍ୟାକାଣ୍ଡ ଘଟିଛି। ଏହା ସହିତ ଜଣେ ଶିକ୍ଷକଙ୍କୁ ଦୁର୍ବୃତ୍ତ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଛନ୍ତି। ସେହିପରି ନୟାପଲ୍ଲୀ ଅଞ୍ଚଳର ଏକ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ବି ଲୁଟ୍ ହୋଇଛି। ଏସବୁ ଘଟଣା ରାଜଧାନୀର ବିଗିଡ଼ି ଯାଇଥିବା ଆଇନଶୃଙ୍ଖଳା ପରିସ୍ଥିତିକୁ ଦର୍ଶାଉଛି। ଏସବୁ ଘଟଣାକୁ ନେଇ ନବୀନ ଉଦ୍‌ବେଗ ପ୍ରକାଶ କରି କହିଛନ୍ତି, କେବଳ ଘଟଣା ଘଟିବା ପରେ ବିଜେପି ସରକାରରେ ପୁଲିସ ପ୍ରଶାସନ କ୍ରିୟାଶୀଳ ହେବା ଅପରାଧୀଙ୍କୁ ଭୟଶୂନ୍ୟ କରିଦେଉଛି। କଥା କଥାକେ ଦିବାଲୋକରେ ଗୁଳି ଫୁଟୁଛି, ଅପରାଧୀ ଅବାଧ ଭାବେ ବୁଲୁଛନ୍ତି। ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡୁଥିବାବେଳେ ବିଜେପି ସରକାର ସଜାଗ ନ ହେବା ସବୁଠୁ ଆଶ୍ଚର୍ଯ୍ୟର ବିଷୟ। ଲୋକଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦେଇ ଏକ ଭୟମୁକ୍ତ ପରିବେଶ ସୁନିଶ୍ଚିତ କରିବା ପାଇଁ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

## ଧୋତି ପଞ୍ଜାବୀରେ ଜଗନ୍ନାଥଙ୍କ ଫଟୋ

# ପିନ୍ଧା ଲୁଗାରେ ମହାପ୍ରଭୁଙ୍କ ଚିତ୍ର ଦେଖି ରାଗିଗଲେ ସେବାୟତ

**ପୁରୀ, ୧୩/୧୨**
**ନ୍ୟୁଜ ବ୍ୟୁରୋ**



କୋଟି ଓଡ଼ିଆଙ୍କ ଆରାଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅସମ୍ମାନ। ଧୋତିରେ ଶ୍ରୀଜଗନ୍ନାଥଙ୍କ ମୁଖମଣ୍ଡଳ ଚିତ୍ରଥିବା ଧୋତି ପିନ୍ଧି ଶ୍ରୀମନ୍ଦିର ଆସିଥିଲେ ଜଣେ ଶ୍ରଦ୍ଧାଳୁ । ଏହାକୁ ଶ୍ରୀମନ୍ଦିର ସେବାୟତ ଘୋର ବିରୋଧ କରିଛନ୍ତି । ଏଥିସହ ଶ୍ରଦ୍ଧାଳୁଙ୍କୁ ଶ୍ରୀମନ୍ଦିର ପ୍ରବେଶ କରିବାକୁ ବାରଣ କରାଯାଇଥିଲା । ତେବେ ଏହି ଭିଡିଓ ସୋସିଆଲ ମିଡିଆରେ ଜୋରଦାର ଭାଇରାଲ ହେବାରେ ଲାଗିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଅପମାନ ସୂଚକ ଧୋତି ପରିଧାନ କରୁଥିବାରୁ ଶ୍ରୀମନ୍ଦିରକୁ କିଛି ଶ୍ରଦ୍ଧାଳୁଙ୍କୁ ପ୍ରବେଶ କରାଇ ଦେଲେନି ଶ୍ରୀମନ୍ଦିର ସେବାୟତ। ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ ପାଇଁ ଥିବା ବ୍ୟାରିକେଡ଼ରେ କିଛି ଶ୍ରଦ୍ଧାଳୁ ଠିଆ ହୋଇଥିଲେ । ଜଣେ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ମୁଖମଣ୍ଡଳ ଚିତ୍ରିତ ହୋଇଥିବା ଧୋତି ପରିଧାନ କରି ଆସିଥିଲେ। ଯାହା ସେବାୟତଙ୍କ ନଜରକୁ ଆସିଥିଲା । ଏହାକୁ ସେବାୟତ ବିରୋଧ କରିଥିଲେ। ଏହା ସହ ଶ୍ରୀମନ୍ଦିରକୁ ପ୍ରବେଶ କରେଇବାକୁ ଦେଇନଥିଲେ । ତେବେ ଏହି ଘଟଣା କେବେ ଘଟିଥିଲା ତାହା ସ୍ପଷ୍ଟ ହୋଇନଥିବା ବେଳେ ରବିବାର ଏହି ଭିଡିଓଟି ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଶ୍ରୀମନ୍ଦିର ବରିଷ୍ଠ ସେବାୟତ ଗୌରହରି ପ୍ରଧାନ କହିଛନ୍ତି, 'ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋ ପିନ୍ଧା ଧୋତିରେ ରହିବା ଠିକ୍ ନୁହେଁ । ଏହି ଧୋତିର ଗୋଡ ପାଖରେ ମହାପ୍ରଭୁଙ୍କ ଚିତ୍ର ଥିବା ଦେଖିବାକୁ ମିଳିଛି । ଏହା ମହାପ୍ରଭୁଙ୍କ ପ୍ରତି ଅସମ୍ମାନ । ଭକ୍ତମାନେ ଶ୍ରୀମନ୍ଦିରକୁ ଆସିଲେ ପୋଷାକରେ ଶାଳୀନତା ରହିବା ଦରକାର। ନ ହେଲେ ଏହା ଭକ୍ତଙ୍କ ଭାବନାକୁ କୁଠାରଘାତ କରିବ । ଶ୍ରୀମନ୍ଦିର ଆସୁଥିବା ଭକ୍ତମାନେ ଶାଳୀନତା ପୋଷାକ ପରିଧାନ କରିବା ପାଇଁ ନିୟମ ରହିଛି । ହାପ ପ୍ୟାଣ୍ଟ୍, ଚିରା ଫଟା ଜିନ୍ସ ପୋଷାକ, ଛୋଟ ପୋଷାକ ପିନ୍ଧି ଆସିବା ନେଇ କଟକଣା ରହିଛି । ଭଲ ପୋଷାକ ପିନ୍ଧି ଆସିଲେ ଶ୍ରୀମନ୍ଦିରର ପବିତ୍ରତା ବଜାୟ ରହିବ। ଭକ୍ତ ଏକ ଭଲ ଅନୁଭୂତି ନେଇ ଫେରିବେ। ଏଣୁ ଉଭୟ ପୁରୁଷ ଓ ମହିଳାମାନେ ଯଥାକ୍ରମେ ଫୁଲ ପୋଷାକ ଓ ଶାଢୀ ପିନ୍ଧି ଆସିବା ଉଚିତ୍ ।